# ପିଲାଙ୍କ କଥା

## (ବଣ୍ଡା)



# ପିଲାଙ୍କ କଥା (ବଣ୍ଡା)

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
**ପ୍ରଫେସର ଅଖିଳ ବିହାରୀ ଓତା**

ପ୍ରସ୍ତୁତି
**(ବଣ୍ଡା ସଂସାଧକ ମଣ୍ଡଳୀ)**
**ହାଡି ମାଝୀ**
**ବୁଦୁ ମୁଦୁଲି**
**ଧନେଶ୍ୱର କିରସାନି**
**ବିଶ୍ୱମ୍ଭର ଶିଶା**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**

ଅଳଙ୍କରଣ
**ପ୍ରିୟରଞ୍ଜନ ବରାଳ**



ପ୍ରକାଶକ
**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**(Bonda Resource Group)**
**Hadi Majhi**
**Budu Muduli**
**Dhaneswar Kirsani**
**Biswambhar Sisa**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ବଣ୍ଡା ଭାଷାର ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ସତୁରବାୟ୍ ଗଦ (ଚତୁର ଗଧ)

ଗୁଲାୟର ମାଗ୍ତ ଗଦ ମୁୟ୍ କାବାବାୟ୍ ଜନ୍ତୁ । ମାକି ଆକେ ଗିଡିନ୍ ଗଦନା କାତା ସୁନନି ମାୟ୍ ଆକଁକି ଜବର ସତୁରବାୟ୍ । ମାୟ୍ ମିସିଙ୍ଗ୍ ଲାଟାବଗ୍ କିରେଙ୍ଗ୍ ସୁସୁମ୍ ଡେଗାଁ । କିରେଙ୍ଗ୍ ସୁସୁମ୍ ଅକନ୍ ଆଦାଙ୍ଗ୍ ଡିଗା କି ସିଂହଡୁର୍କା ଆମାୟ୍ ଅଡ଼ାବ୍ ପୁଲାୟ୍ ମାଇନ୍ କଣ୍ଡେ ସା କେଟ୍‌ଲ୍‌ଡିଗା । ଗିନ୍‌ସା ମାୟ୍ ମାଗ୍ ମାଗ୍ ଆଗଙ୍ଗ୍ । ଜୁଲସିତା ବୁତୁଙ୍ଗ୍‌ଉଇଗା । ମାରି ବୁରନା ଗାରି ଆଡ଼ିତା । ସିଂହ ଡୁର୍କା ଲଗ୍‌ଗେଓ ଡିକିଣା । ମାୟ ବୁଦି କଟାୟସି ତିତି ଜଡ଼ଲ ଆସିଂ ସିଂହ ଡୁର୍କା ସୁନ-ଆନ ନିଙ୍ଗ୍ କଣ୍ଡେକ୍ ଜୁଲସି ଅବୁଦି ସାର୍‌ଦା ଡେଙ୍ଗ୍‌ନିଙ୍ଗ୍ ।



ପ୍ରାୟ ସମସ୍ତେ ଭାବନ୍ତି ଗଧ ଏକ ନିର୍ବୁଦ୍ଧିଆ ପ୍ରାଣୀ । କିନ୍ତୁ ଏଠାରେ ଯେଉଁ ଗଧଟିର କଥା କୁହାଯାଇଛି, ସେ କିନ୍ତୁ ଖୁବ୍ ବୁଦ୍ଧିମାନ । ସେ ଥରେ ବଣରେ ଘାସ ଚରୁଥିଲା । ଘାସ ଖାଇବାରେ ସେ ଏତେ ବ୍ୟସ୍ତ ଥିଲା ଯେ ସିଂହଟିଏ ତାକୁ ଶିକାର କରିବାକୁ ଆସି ତା' ପାଖରେ ପହଁଚିଯାଇ ସାରିଥିଲା ଅଥଚ ସେ ଜାଣି ପାରି ନ ଥିଲା । ହଠାତ୍ ସେ ସିଂହକୁ ଦେଖି ଡରିଗଲା । ଆଉ ବଂଚିବାର ରାସ୍ତା ନ ଥିଲା । ସିଂହ ଥିଲା ବହୁତ ପାଖରେ । ସେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ଯୋଡ଼ ହସ୍ତରେ ସିଂହକୁ କହିଲା – "ମହାଶୟ ! ଏତେ ପାଖରେ ଆପଣଙ୍କୁ ଦେଖି ମୁଁ ବହୁତ ଖୁସି ।

**ନନ୍ କାଦି ଡେଣ୍ଡେମ୍ପୁଲାୟ୍ ନିଙ୍ଗ୍ ବାନି । ମାକି ନିଙ୍ଗ୍ନା କାତା ମୁୟ୍ ଅଗଁ । ଅଗଁତିଙ୍ଗ୍ ଆଗଦଲେ ଗୁଡାଙ୍ଗ୍ଗାରି ସୁମନା ସୁସୁମ୍ବାନି ମାରି ସୁବିଦାଡେନ୍ତା । ପେନ୍ସୁଗବାୟ୍ ମୁନାରେମ୍ କନ୍କାତା ବାନି ମାଗତ୍ । ତୁପେ, ଗିନ୍ସା ତରୟ୍ଓ ବିସାର ଡେମ୍ । ସିଂହଡୁର୍କା କନ୍ କାତା ଅଗଁଉଇଗା । ଆଗଦ ସୁସୁମପୁଲାୟ୍ ଗୁଡ଼ାଙ୍ଗ୍ ଗାରି ଉଇଗା । ଗଦ ବାନି ଜୁଲସି ତଗାଁ, ଉଲସ୍ତେ ଗୁଡାଙ୍ଗ୍ ଗାର୍ନା ଉମ୍ଭାର ତେସୁଙ୍ଗ୍ ବେରଙ୍ଗ ଆସାର୍ମ ଜୁଲ ମୁୟ୍ ଲାତ୍ବେଡ଼୍ ଆମଅଁ ଗଦନା କୁର୍ ବାଙ୍ଗା । ସିଂହଡୁର୍କା ଉତ୍ନା ଡେଙ୍ଗ୍ସି ଲଗ୍ଡ଼ାଉଇଗା । ଗିତିନ୍ ବେଲା ଗଦ ଉରଅଁ ଡୁଙ୍ଗ୍ଗା ।**



ଆପଣଙ୍କର ଖାଦ୍ୟ ହେବା ପାଇଁ ମୁଁ ଖୁବ୍ ଗର୍ବିତ । କିନ୍ତୁ ତା' ପୂର୍ବରୁ ମୋର ଗୋଟିଏ ଛୋଟିଆ କଥା ଅଛି, ଶୁଣିଛି ଗଧମାନଙ୍କୁ ପଛପଟରୁ ଖାଇଲେ ଖାଇବାକୁ ସୁବିଧା ହୁଏ ଏବଂ ସ୍ୱାଦିଷ୍ଟ ମାଂସ ମିଳେ । ଆପଣଙ୍କ ଭଳି ମହାନ ଶିକାରୀ ତ ଏ କଥା ନିଶ୍ଚୟ ଜାଣିଥିବେ । ତେଣୁ ନିଜେ ଯାହା ବିଚାର କରିବେ । ସିଂହ ଏ କଥାକୁ ବିଶ୍ୱାସ କରିଗଲା । ଗଧକୁ ଖାଇବାକୁ ତା'ର ପଛପଟକୁ ଗଲା । ଗଧ ତ ପ୍ରସ୍ତୁତ ହୋଇଥିଲା । ହଠାତ୍ ପଛପଟର ଦୁଇଗୋଡ଼ରେ ସିଂହ ମୁହଁକୁ ଦେଖି ମାରିଲା ଏକ ଲାତ ଓ ଆଖିରେ ବାଜିଲା ଗଧର ଖୁରା । ସିଂହଟି ଓଲଟି ହୋଇ ପଡ଼ିଗଲା । ଏହି ସୁଯୋଗରେ ଗଧଟି ସେଠାରୁ ଦୌଡ଼ି ପଳାଇଲା ।

# ଅରଜ୍ଲ କୁନୁଙ୍ (କର୍ମର ଫଳ)

ମିଣ୍ଡା ଟାକ୍ରିବାୟ୍ ରେମ ଡାବୁ ଆସା ଡେଙ୍ଗ୍ସି ଆମିଣ୍ଡା ବେପାରୀ ଅଡ଼ାବସୁଗଁ । ଅଡ଼ାବ୍ସି ଡାବୁ ସଗ୍ସି ଡୁଙ୍ ଡୁଙ୍ ବେଲା ବେପାରୀନ୍ ଡିଅନ୍ରେମ ମାରି ଉଗଂସ୍ ରେମ୍ବକ୍ ଆମାୟ ସସବ୍ପୁଲାୟ୍ ଉରଉଇଗା । ଗିତିନ୍ରେମ ଉର ଉର କିଣ୍ଡାପାଲିଗ୍ ଡେଲ । ଆକିଣ୍ଡାଗ୍ ଲାଗ୍ସି କୁଣ୍ଡାମୁୟ୍ । ଗିନ୍ କୁଣ୍ଡାନା କୁକୁସାଗ୍ ଆମାୟ ଅଉଂର । ତରୟ୍ନା ଜୀବନ ବରୋପୁଲାୟ୍ ମାୟ ମୁୟ୍ ସେମୁଗ୍ ବାଗ୍ବ ଡାୟ୍ଉଇଗା । ଆକୁକୁସାଗ ବୁତୁଙ୍ଗ୍ସିତା ପରେକ୍ ସେମୁଗବ ଲେକୁନ୍ ବେଲା



ଜଣେ କ୍ରୂର ବ୍ୟକ୍ତି ଧନ ଲୋଭରେ ଜଣେ ବ୍ୟବସାୟୀକୁ ହତ୍ୟା କଲା । ହତ୍ୟା କରି ଧନ ନେଇ ଧାଉଁଥିବା ସମୟରେ ବ୍ୟବସାୟୀ ପରିବାର ଓ ଆଖ ପାଖର ଲୋକ ତାକୁ ଧରିବାକୁ ଧାଇଁଲେ । ବ୍ୟକ୍ତିଟି ଧାଇଁ ଧାଇଁ ନଦୀ କୂଳରେ ପହଞ୍ଚିଲା । ନଦୀକୁ ଲାଗି ବଣଟିଏ । ସେହି ବଣର ଏକ ବାଘ ତାକୁ ଗୋଡ଼ାଇଲା । ନିଜ ଜୀବନକୁ ବଂଚାଇବାକୁ ଯାଇ ସେ ଏକ ବଡ଼ ଗଛ ଉପରେ ଚଢ଼ିଗଲା । ବାଘ ଭୟରେ କିଛି ସମୟ ଗଛରେ ବସିବା ପରେ ହଠାତ୍ ଦେଖିଲା ସେହି

ଉଲସ୍‌ତେ ଦୁଲଗିନ୍ ସେମୁଗ୍‌ନା ବାଗ୍‌ବ କେନ୍ଦାବ ମୁୟ୍ ବଡ଼ାବୁ ଅର୍‌ସିତା ତୁକୁଗା । ଆମାୟ ଜୁଲ୍‌ସି ରେମ ମୀର୍ ଡେମତିଙ୍ଗ୍ ମର୍ ଆଣ୍ଡାଡ଼ସି କିଣ୍ଡାଗ୍ ବିତରେ ଅପଗାଂ । ମା କି ମାଇନା ମରନ୍ ଡିକିଗା । ଗିତିନ୍‌ସା ସେସେଁଗ୍ କିଣ୍ଡାଗ୍‌ବ ଡିକୁନ୍ ମଗର ଆମାୟ୍‌ନା ଏଁରି କଂସା କଂସା ଡେମସି ସୁମସୁଙ୍ଗ । ଡିକନ୍‌ଅ ମାପ୍ରୁ ତରୟ୍ ଆଅଡ଼ାବରେମ ଅଡ଼ାବ । ମାୟ୍ ପାଲ୍‌ରେମନା ଜୀବନ ରୁଙ୍ଗ୍‌ଡିଗାସା ମାପ୍ରୁ ଆମାୟ୍ ଦଣ୍ଡ ବେଡ଼ସି ମାୟ୍‌ନା ପାପ୍ ଅରଜଲ୍ କୁନୁଙ୍ଗ୍ ପୁଇନ୍ ଅଡେମ ।



ଗଛର ଉପର ଡାଳରେ ଏକ ଅଜଗର ଗୁଡ଼ାଇ ହୋଇ ଫୁତ୍‌କାର ଛାଡୁଛି । ତାକୁ ଦେଖି ବ୍ୟକ୍ତିଟି ନିରୁପାୟ ହୋଇ ନଦୀକୁ ଡେଇଁଲା । କିନ୍ତୁ ତା'ର ମୃତ୍ୟୁ ନିଶ୍ଚିନ୍ତ ଥିଲା । ତେଣୁ ପୂର୍ବରୁ ନଦୀରେ ଥିବା କୁମ୍ଭୀର ତା'ର ଶରୀରକୁ ଖଣ୍ଡ ଖଣ୍ଡ କରି ଖାଇଗଲା । ଏହିଭଳି ଭଗବାନ ସ୍ୱୟଂ ହତ୍ୟାକାରୀକୁ ହତ୍ୟା କଲେ । ସେ ଅନ୍ୟର ଜୀବନ ନେଇଥିବାରୁ ଭଗବାନ ତାକୁ ଦଣ୍ଡ ଦେଇ ତା ପାପ କର୍ମର ପ୍ରାୟଶ୍ଚିତ କରାଇଲେ ।

# ସୁଅଁ ସୁଙ୍ଗ୍ସୁଙ୍ଗ୍ ରେମନା ଉସାରାମ (କାଠୁରିଆର କାହାଣୀ)

ମୁୟ୍ ଉଙ୍ଗମ୍ବ ମୁଙ୍ଗ୍ଲା ଇମିବାୟ୍ ଡକ୍ରା ମାରି ଡକରି ଡିକିଗା । ମାୟ୍ ଇସାଅ ସୁଅଁ ସୁଗଁ ସୁଗଁ ସି ଉମ୍ବାୟ ବୁର୍କୁଗା । ମିସିଙ୍ଗ୍ ଡକ୍ରା ଲାଟାବକ୍ ସୁଅଁ ଉଣ୍ଡୁଗ୍ଉଇଗା । ବୁଲ୍ଲ୍ ବୁଲ୍ଲ୍ ସିମୁୟ୍ କିଣ୍ଡାଗ୍ ପାଲି ଉଁସର କୁନୁଙ୍ଗ୍ ସୁଅଁ ଜୁଲ୍ । ଜୁଲସେଗା ଗୟତିଙ୍ଗ୍ ଡ଼ସି ଡାୟ୍ଗା । ଗୁଗୟ୍ ବେଲା ମାଇନା ଟାଙ୍ଗିଆ ରାବ୍ତିକ୍ସିତା କିଣ୍ଡାଗ୍ବ ଲଗଉଇଗା । ଲଗା ସା କିଣ୍ଡିବ୍ ଲାୟ୍ସିତା ଉଂକୁଗା । ଉଂକୁନ୍ ବେଲା କିଣ୍ଡାଗ୍ ଗାରି ଦେବତାବୟ୍ ତୁର୍ସିତା ମାଡ଼େଙ୍ଗା ଡ଼ ସୁନ । ମୁଙ୍ଗ୍ଲା ଲା ସୁନ ନିଙ୍ଗ୍ନା ଟାଙ୍ଗିଆ ଡାଗ୍ବ ଲଗ୍ ଉଇଗା । ନିଙ୍ଗ୍ ଅୟ୍କା ମିରି ସୁଅଁ ଗୟ୍ତିଙ୍ଗ୍ ।



ଗୋଟିଏ ଗାଁରେ ମଙ୍ଗଳା ନାମରେ ଜଣେ ବୁଢ଼ା ତା' ବୁଢ଼ୀ ସହ ରହୁଥିଲା । ପ୍ରତିଦିନ କାଠ ବିକ୍ରି କରି ଦୁଇ ଜଣ ବଞ୍ଚୁଥିଲେ । ଦିନେ ବୁଢା ଜଙ୍ଗଲକୁ କାଠ ଆଣିବାକୁ ଗଲା । ବୁଲି ବୁଲି ଗୋଟିଏ ନଦୀ କୂଳରେ ଶୁଖିଲା କାଠ ଦେଖିଲା । ଦେଖିକରି କାଠ ହାଣିବାକୁ ଗଛକୁ ଚଢ଼ିଲା । କାଠ ହାଣିବା ସମୟରେ ତାର ଟାଙ୍ଗିଆ ଖସି ପଡ଼ି ନଦୀରେ ପଡ଼ିଗଲା । ପଡ଼ିଯିବାରୁ ତଳେ ବସି କାନ୍ଦିବାକୁ ଲାଗିଲା । ସେହି ସମୟରେ ଜଳ ଦେବତା ବାହାରି କ'ଣ ହେଲା ବୋଲି ପଚାରିଲେ । ମଙ୍ଗଳା କହିଲା, ମୋର ଟାଙ୍ଗିଆ ତଳେ ପଡ଼ିଗଲା । ମୁଁ ଏବେ କିପରି କାଠ କାଟିବି ?

ଆଉଗା ନିଙ୍ଗ୍ ନନା ଟାଙ୍ଗିଆ ଜୁଗ୍ ବେତିଙ୍ଗ୍ । ଦେବ୍ତା ବୟ୍ ଡାଗ୍ବ ଗାୟ୍ସିତା ସୁନାନା ଟାଙ୍ଗିଆ ଅସିସ୍ । ଅସିଓସା ଡକ୍ରା ନିଙ୍ଗ୍ନା ଗିତିନା ଆଣ୍ତ୍ରାଡ଼୍ ସୁନ । ମାରି ରୂପାନା ଅସିଓ ଗିତିନ୍ସା ନିଙ୍ଗ୍ନା ଆଣ୍ତ୍ରାଡ ସୁନ । ମାରି ତୁର୍ଗୁ ଲୁଆନ । ଟାଙ୍ଗିଆ ଅସିଓସା ମୁଙ୍ଗ୍ଲାଲା ଡୁଡଲ ଡୁଡଲସି ନିଙ୍ଗ୍ନାଡ଼ସି ରୁଙ୍ଗା । ଡିସା ଦେବତା ବୟ୍ ସତ୍ ସୁନତ୍ଡ଼ସିତା ଆମୁଙ୍ଗଲାଲା ବଲ ବୁରଲା ଡସି ସାକା ବେଡ଼୍ । ଅୟ ବାଙ୍ଗ୍ସା ନ ସୁଅଁ ଆଉଇଗାଡ଼ସି ସୁନ ମାରି ନ ଅୟବାଗଁସା ସାକାର ଡେନ୍ତନ୍ଡସି ମାୟ କିଣ୍ଡାଗ୍ବ ଗାୟ ଉଇଗା ।



କାନ୍ଦନା ମୁଁ ତୁମ ଟାଙ୍ଗିଆ କାଢ଼ି ଆଣି ଦେବି । ଦେବତା ପାଣିରେ ପଶି ସୁନାର ଟାଙ୍ଗିଆ ଦେଖାଇଲା । ବୁଢ଼ା ତାହା ମୋର ନୁହେଁ ବୋଲି ମନା କଲା । ଆହୁରି ରୂପାର ଟାଙ୍ଗିଆ ଦେଖାଇବାରୁ ତାହା ମଧ୍ୟ ମୋର ନୁହେଁ ବୋଲି କହିଲା । ଶେଷରେ ତା'ର ଲୁହା ଟାଙ୍ଗିଆ ଦେଖେଇବାରୁ ମଙ୍ଗଳା ହସି ହସି ମୋର କହି ନେଇଗଲା । ସେଥିପାଇଁ ଦେବତା ଆର୍ଶିବାଦ ଦେଇ ଭଲ ରହିବାକୁ କହିଲେ । ଏବେଠାରୁ ତୁ କାଠ ଆଣିବାକୁ ଯିବୁନି ଆଉ ବର୍ତ୍ତମାନ ଠାରୁ ତୁ ଧନୀ ହେବୁ କହି ପାଣି ଭିତରକୁ ଚାଲିଗଲେ ।

# ଗରିବ୍ ବାୟ୍ ଡିସାରି (ଗରିବ ଭକ୍ତ)

ଜଙ୍ଗ୍ ଦୁର୍ଗାନା ମୁୟ୍ ଗରିବ୍‌ବାୟ୍ ଡିସାରି ଡିକିଗା । ମାୟ୍ ଅକନ୍ ଗରିବ୍‌ବାୟ ଡିଗା କି ମିସିଙ୍ଗ୍‌ବ ରୁଣ୍ଡାୟ କୁନୁଙ୍ଗ୍ ମୁୟ୍ ଓଲିୟ ହେଡେମ ଡେଗାଁ । ମାୟ୍ ଦୁର୍ଗା ମାପ୍‌ରୁନା ମୁନା ଡିସାରି ଡିଗା । ମାୟ୍ ଇସାଅ ମନ୍ଦିର ଇଡିକୁଗା । ଆମାପ୍‌ରୁ ସାର୍‌ବେତି କିନ୍ଦରବାର । ଜୁଆର ଡେଡେମ୍ । ଦୁପ ଅଡୁଗ୍‌ଡୁର୍ । ମାରି ମାୟ୍ ତରୟ୍‌ନା ପାଇଟି ଡେଡେମ୍ । ମାୟ୍ ବଲ୍‌ଟାବାୟ୍ ରେମ ।



ମା' ଦୁର୍ଗାଙ୍କର ଜଣେ ଗରିବ ଭକ୍ତ ଥିଲା । ସେ ଏତେ ଗରିବ ଥିଲା ଯେ ସାରା ଦିନର ରୋଜଗାରରେ ତା'ର ପରିବାର ପାଇଁ ମାତ୍ର ଗୋଟିଏ ଓଳିର ଖାଦ୍ୟ ସଂଗ୍ରହ କରି ପାରୁଥିଲା । ସେ ଦୁର୍ଗାଦେବୀଙ୍କର ବଡ଼ ଭକ୍ତ ଥିଲା । ସେ ସବୁଦିନ ମନ୍ଦିର ଯାଏ । ଦେବୀଙ୍କୁ ପରିକ୍ରମା କରେ । ଦର୍ଶନ କରେ । ଦ୍ୱୀପ ଜାଳେ । ତା' ପରେ ପୁଣି ସେ ତା'ର ନିଜ କାର୍ଯ୍ୟରେ ଲାଗିପଡ଼େ । ସେ ଖୁବ୍ ସ୍ୱାଭିମାନୀ ।

**ମାଏନ୍ ବ ଅଇଜା ଡିତା ଅଇତିନ୍‌ବ ସାରଦା ଡିକୁଗା । ମାଇନା ପୁଜାବ ମାପ୍ରୁ ସାରଦା ଡେଗାଁ । ମାଇନା ସିନ୍ତା ଜୁଲ ଆଗଙ୍‌ସିତା ସୁନାନା ମୁୟ୍‌ଡାବୁ ଡିକୁନ୍ ବେସ୍‌ନି ମନ୍ଦିର୍‌ନା ଗୁଡ଼ାଙ୍‌ଗାରି ବୁଗଁବେଡ଼ । ବାବ୍‌ଲ ମାୟ୍ ଜୁଲନା ସତୟ୍‌ସା ରୁଗଁବୁଙ୍‌ତ । ମାକି ମାୟ ଗିତିନଲ ମ ଲିମ୍‌ଲସି କିନ୍‌ଗା ମାରିଆବେସନି ଜୁ ଜୁ ଆଗଙ୍ଗାଦି କନ୍ ଜୁଲସି ଜଙ୍ ବାବ୍‌ଲ - ବେଲା ମଡିକୁ ମାରି ବାଇଗ ନାନୀ ରେବ୍‌ତେ ଆଜାସା ମାସା ଆମିଲ୍‌ତା ।**



ତା’ ପାଖରେ ଯେତିକି ଥାଏ, ସେ ସେତିକିରେ ସନ୍ତୁଷ୍ଟ ରହେ । ତା’ର ଭକ୍ତିରେ ମା’ ପ୍ରସନ୍ନ ହେଲେ । ତା’ର ଦୁଃଖ ଦେଖି ସହି ନ ପାରି ଏକ ସ୍ୱର୍ଣ୍ଣ ମୁଦ୍ରାର ଥଳି ମନ୍ଦିର ବେଢ଼ାର ପଛ ପଟରେ ରଖିଦେଲେ । ଭାବିଲେ ସେ ଦେଖିଲେ ନିଶ୍ଚୟ ନେଇଯିବ । କିନ୍ତୁ ସେଦିନ ସେ ଆଖି ବନ୍ଦ କରି ବେଢ଼ା ପରିକ୍ରମା କଲା ଓ ଥଳିଟି ଦେଖି ପାରିଲା ନାହିଁ । ଏହା ଦେଖି ମା’ ଭାବିଲେ - “ସମୟ ପୂର୍ବରୁ ଏବଂ ଭାଗ୍ୟଠୁ ଅଧିକ କାହାକୁ କିଛି ବି ମିଳେ ନାହିଁ” ।

# ସାଲାକିବାୟ୍ କଲିଆ (ଚତୁର ବିଲୁଆ)

ଅର୍‌କୁଣ୍ଡାବଗ୍ ସିଂ ରାଜା ମୁୟ୍ ଡିକିଗା । ମାୟ ଇସାଅ ପାଲିଡେମସି ମୁୟ୍ ମୁୟ୍ ଜନ୍‌ତୁ ସୁମକା । ମିସିଙ୍ଗ୍ କଲିଆନା ପାଲି ପଡ଼୍‌ଗା । ମାୟ ମାଗସିଅ କୁଦ୍‌ରି ଡ଼େମସି ସାଗା । ସିଂ ପାସାର ମାପୁଲାୟ୍ କୁଦ୍‌ରି ଡେମସି ସାଗନ୍ । କଲିଆ ସୁନ ମାମୁଁଙ୍ଗ୍‌ଡାୟଁ ସାସାବ୍‌ଲ ନନ୍ ନାନି ମୁନାବାୟ୍ ସିଂ ତେବାୟବୁଗଁ । ମାୟ୍ ଆନିଙ୍ଗ୍ ସୁମ୍‌ତିଙ୍ଗ୍‌ଡସି ସୁସୁଁଡେଗାଁ । କନ୍ କାତା ଅଗଁସି ସିଂ ଜବର କିଜ୍‌ରା ଡେଙ୍ଗ୍ ଉଇଗା । ଆକୁର୍‌ତମ୍ ମଡ଼ଲ୍‌ସି ସୁନ, ଦ ମାୟ୍ ଅଇଜା ମୁନା ଡିତା ।



କଣ୍ଠାମାଳି ପର୍ବତରେ ବଣର ରାଜା ସିଂହ ରହୁଥିଲା । ସେ ପ୍ରତିଦିନ ପାଳି କରି ଗୋଟିଏ ଗୋଟିଏ ଜୀବକୁ ଖାଉଥିଲା । ଦିନେ ବିଲୁଆର ପାଳି ପଡ଼ିଲା । ସେ ଜାଣିଶୁଣି ଟିକିଏ ଡେରିରେ ଆସିଲା । ସିଂହ ପଚାରିଲା ତୁମେ କାହିଁକି ଡେରିରେ ଆସିଲ । ବିଲୁଆ କହିଲା- ନାହିଁ ମାମୁଁ ବାଟରେ ତୁମଠାରୁ ବଡ଼ ଗୋଟିଏ ସିଂହ ଅଟକାଇ ଥିଲା । ସେ ମୋତେ ଖାଇବ ବୋଲି କହୁଥିଲା । ଏକଥା ଶୁଣି ସିଂହ ଭୀଷଣ ରାଗିଗଲା । ନିଶକୁ ମୋଡ଼ି କହିଲା, ଚାଲ ଯିବା ସେ କେତେ ବଡ଼ ଅଛି ।

**କଲିଆ ଆସିଂ ମୁୟ୍ କୁଇସାଲ କଣ୍ଡେ ରୁଙ୍ଗଉଇଗା । କୁଇସାଲବଗ୍ ତରୟ୍‌ସୁଗ ତିନାବାୟ ମାର୍ ମୁୟ୍ ଆସିଂ ଜୁଲସି ଜବର ଆଉଲି ଡେଗାଁ । ମାୟ୍ ବୁରଙ୍ଗ୍ ଇଣ୍ଡିମ୍‌ପୁଲାୟ କୁଇସାଲ ବିତ୍‌ରେ ଡଗାୟବୁଗାଁ । ମାୟ୍‌ମାରି କୁଇସାଲ ନାନି ତୁତୁର୍‌ଆଗଙ୍ଗା । ତୁର୍‌ଗୁ କଲିଆ ସାର୍‌ଦାଡେଙ୍ଗ୍‌ସି ମେଗ୍ ମେଗ୍‌ସି ଲାଟା ବିତ୍‌ରେ ଗାୟ୍‌ଉଇଗା ।**

**କତାବ୍‌ଡିତା – ବୁଦି ଡିଙ୍ଗ୍‌ନା ତରୟ୍ ଜିନ୍‌ବାର୍ ଲାଗ୍‌ତା ।**



ବିଲୁଆ ସିଂହକୁ ଗୋଟିଏ କୂଅ ପାଖକୁ ନେଇଗଲା । କୂଅରେ ନିଜ ପରି ଦେଖାଯାଉଥିବା ଆଉ ଏକ ସିଂହକୁ ଦେଖି ସେ ବହୁତ ରାଗି ଗର୍ଜନ କଲା । ତା’ ସହ ଲଢ଼ିବା ପାଇଁ କୂଅ ଭିତରକୁ ଲମ୍ଫ ଦେଲା । ସେ ଆଉ କୂଅ ଭିତରୁ ବାହାରି ପାରିଲା ନାହିଁ । ପରେ ବିଲୁଆ ବଡ଼ ଆନନ୍ଦରେ ନାଚି ନାଚି ବଣ ଭିତରକୁ ଚାଲିଗଲା ।

କଥାରେ ଅଛି– ବୁଦ୍ଧି ଥିଲେ ଉପାୟ ଆପେ ଆପେ ଆସେ ।

# ପୁଇସୁକ୍‌ନା ଉସୁରାମ୍ (ଝାଡୁ ଭାଙ୍ଗି ବିଡ଼ା ତିଆରି କରିବା ଗପ)

ପୁଷ୍ ଆର୍‌କେ ପୁଇସୁକ୍ ସେଲାନେ ଉଇତା । ବୁର୍‌ଲୁଗ୍ ବୁର୍‌ଲୁଗ୍ ଲାଟାବକ୍ ବୁଲସେକ୍ ଅରଂଇ ବୁରଙ୍ଗ୍ ଗତିନାଇଁ ଆଣ୍ଡ୍ରିନା ତିତିବୁରଂ ପୁଇତିନାୟ୍ । ଗଡ଼ସେଗ୍ ରୁଇବା ତିନାୟ୍ । ରୁଇବାଡ଼ସେ ଲାବ୍ ଡେଙ୍ଗ୍‌ନା ଗିଗେଇ ତାଗ୍ ସେକ୍ ତୁପାକ୍‌ତିନାଇ । ତୁପାଗ୍ ସେକ୍ ଉଇତ୍‌ନେଇ । ଡିଅଁବକ୍ ଇକ୍‌ସେକ୍ ଉଇତି ଉଇତି ତୁପାଗ୍‌ସେକ୍ ଇଁୟାବ ସୁରସେ ଆର୍‌ସୁଗସେକ୍ ଡିଅଁବକ୍ ବୁଗଁତନେଇ । ମାରି ଗିଗେ ରୁଅଁସିତା ଗିଗେ ବୁରଙ୍ଗ୍ ସୁନୁଗ୍ ଗତ ।



ପୌଷ ମାସରେ ବଣ୍ଡା ସ୍ତ୍ରୀଲୋକମାନେ ଝାଡୁ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଆନ୍ତି । ଜଙ୍ଗଲ ଜଙ୍ଗଲ ବୁଲି ବୁଲି ଦାଆ ସହିତ ଝାଡୁ କାଟି ବା ହାତରେ ଭାଙ୍ଗିଥାନ୍ତି । ଝାଡୁକାଟି ତା'ର ପତ୍ର ସଫା କରନ୍ତି । ବ୍ୟବହାର ପାଇଁ ରଖି ବଳକା ଝାଡୁକୁ ବିଡ଼ା ବାନ୍ଧନ୍ତି । ତାକୁ ଖରାରେ ଭଲ ଭାବରେ ଶୁଖାଇଥାନ୍ତି । ତା' ପରେ ଦଉଡ଼ି ଆଣି ଭଲ ସୁନ୍ଦର କରି ବିଡ଼ା ତିଆର କରନ୍ତି ।

ଗଲସେକା ମାର୍ ମିସିଙ୍ଗ୍ ଆଟ୍‌ବକ୍ ଡେୟଁସିତା ଉଇତା । ଆମୁୟ୍ ଆମୁୟ୍ କଡ଼େ ଟଙ୍କା ଲେକା ସୁଁଗ୍ଂତନାୟ । ସୁଁଗଂସିକା ଗିତିନା ଡାବୁ ଗାରି ମା ମା ମାଃଲେ ସବସିତା ଡିଅବକ୍ ବା ଉଙ୍ଗ୍‌ମ୍‌ବ ଇତିନାୟ୍ । ଡିତିନା ନାନ୍‌ବଣ୍ଡା ରେମଲେ ଡାବୁ ରୋଜଗାର୍ ଡେମ୍‌ତ ।



ବିଡ଼ା ବାନ୍ଧି ତା'ର ନିଜ ମୁଣ୍ଡରେ ବୋହି ହାଟକୁ ଚାଲି ଚାଲି ଯାଆନ୍ତି । ବିଡ଼ାକୁ କୋଡ଼ିଏ ଟଙ୍କା ଲେଖାଁଏ ବିକ୍ରି କରନ୍ତି । ବିକ୍ରି କରି ସେହି ଟଙ୍କାରେ ବିଭିନ୍ନ ପ୍ରକାର ପନିପରିବା ଇତ୍ୟାଦି କିଣି ଗାଁ ବା ଘରକୁ ଫେରନ୍ତି । ଏହିପରି ଭାବରେ ଆମ ବଣ୍ଡା ଲୋକମାନେ ଟଙ୍କା ବା ଅର୍ଥ ରୋଜଗାର କରନ୍ତି ।

# ଡେଡେମ୍‌ନା ଗିଗେ (ସଫଳତାର ମନ୍ତ୍ର)

**ମିସିଙ୍ଗ୍ ଉମ୍ୟାର୍ ଉରେଙ୍ଗ୍ ମାଙ୍ଗ୍ ମାଙ୍ଗ୍ ଡେଗାଁ । ଉର୍ ଉଇକିନ୍ ବେଲା ମୁୟ୍ ଦଇଉଙ୍କୁୟ୍‌ବ ଲଗଡ଼ାୟ ବେଡ଼୍ । ମାୟ୍ ଉମ୍ୟାୟ୍‌ନୁର୍ ଯାସା ମାଙ୍ଗ୍ ମାଙ୍ଗ୍‌ଡ଼ାଗ୍ ମାଗ ଆଡିତା । ଗିତିନ୍ ସା ମେହେ ଲୁବ୍‌ଡ଼ାକ୍ ଉଇଡେଙ୍କା । ମିଣ୍ଡାସୁନ ଆନାୟ ମାଙ୍ଗ୍ ମାଙ୍ଗ୍ ଡ଼ାଗ୍ ଆସବ୍‌ତା । ଆନିଙ୍ଗ୍ ଲାଗ୍‌ଗାନି ନାୟ ଆକେ ଲୁବ୍‌ଡ଼ାକ୍‌ସି ଗୁଗୟ୍‌ନା ଡିତା । ଆନେ ଅଦୁରପୁଲାୟ୍ ଯାସା ଆଣ୍ଡା । ମାର୍ ମିଣ୍ଡା ସୁନ "ଡିକନ୍‌ବେଲା ଆବୁତୁଙ୍ଗ୍‌ସି ଆକନାନି ତୁତୁର୍‌ନା ଜୁଜୁଡିତା ।"**



ଥରେ ଦୁଇଟି ମୂଷା ଖେଳୁଥିଲେ । ଦୌଡ଼ି ଯାଉଥିବା ସମୟରେ ଏକ ଦହି ହାଣ୍ଡିରେ ପଡ଼ିଗଲେ । ସେ ଦୁଇଜଣ ଯାକ ପହଁରିବା ଶିଖି ନ ଥିଲେ । ତେଣୁ ସେମାନେ ବୁଡ଼ି ଯିବାକୁ ବସିଲେ । ୧ମ ମୂଷା କହିଲା- "ଆମକୁ ପହଁରିବା ଆସେ ନାହିଁ । ମୋତେ ଲାଗୁଛି, ଏହିଠାରୁ ବୁଡ଼ି ମରିବା ଆମ ଭାଗ୍ୟରେ ଅଛି । ଆମକୁ ଏଠାରୁ ବଂଚାଇବାକୁ କେହି ନାହିଁ" । ୨ୟ ମୂଷା କହିଲା - "ବିପଦ ସମୟରେ ଧୈର୍ଯ୍ୟହରା ନ ହୋଇ ବିପଦରୁ ମୁକ୍ତି ପାଇଁ ଉପାୟ ଖୋଜିବା ଉଚିତ୍ ।"

ସେସେଁନୁଗ୍‌ନା ଉରେଙ୍ଗ୍ ବୁତୁଙ୍ଗ୍‌ସି ଲୁବ୍‌ଡାଗ୍‌ସି ଗୟଉଇଗା । ମାର୍‌ମିଣ୍ଡା ଗିନ୍ ଉଙ୍କୁୟ ବିତ୍‌ରେ ଜବର୍ ଟେସାୟ୍ ଡେଗାଁ । ଗିନ୍‌ଦଇ ବୁଲଃ ମାରି ବାଗ୍‌ବ ବାଗ୍‌ବ ପୁଲସିତା ତୁର୍‌ଗା । ଆଗିନ୍ ସବସି ଉରେଙ୍ଗ୍ ପାଲିଗାରି ଜାକିଡେଙ୍ଗ୍‌ସି ବାଇରି ତୁର୍‌ସାଗା ମାରି ବୁର ଉଇଗା ।

କନ୍‌ନାନି ମାଗନାୟ୍ କି ମାସା ଡେଡେମ୍‌ପୁଲାୟ ମାସା ଡେଡେମ୍‌ଡିତା ମ ବାବାମ୍‌ଜାକ ।



୧ମ ମୂଷା ଚେଷ୍ଟା ନ କରି ବୁଡ଼ି ମରିଗଲା । ୨ୟ ମୂଷା ସେହି ପାତ୍ରରେ ଜୋର୍‌ରେ ବାଡ଼େଇ ହେଲା । ଦହି ମନ୍ଥନ ହେବାରେ ଲାଗିଲା ଏବଂ ଲବଣୀର ସ୍ତର ଧିରେ ଧିରେ ଫୁଲି ଉପରକୁ ଉଠିଲା । ସେହି ଲବଣୀ ସ୍ତରର ଆଶ୍ରା ନେଇ ମୂଷାଟି ପାତ୍ରଧାରରେ ପହଞ୍ଚି ବାହାରକୁ ଚାଲିଆସିଲା ଓ ବଂଚିଗଲା । ଏଥିରୁ ଜଣାଗଲା ଯେ, ବ୍ୟକ୍ତିଙ୍କୁ ସେ ପର୍ଯ୍ୟନ୍ତ ଉଦ୍ୟମ କରିବା ଦରକାର, ଯେ ପର୍ଯ୍ୟନ୍ତ ସଫଳତା ନ ମିଳିଛି ।

# ଅଲିଆନ୍ ବାୟ୍ ଜନ୍ତୁ (ଦୁଷ୍ଟ ଜୀବ)

**ମୁୟ୍ ପାଇଟିନ୍‌ରେମ୍ ଦରମ୍‌ବାୟ୍ ଡିକିଗା । ଆଗୁଲାୟ୍ ଜନ୍ତୁ ମାରି ସେମୁଗ୍‌ଲାଗ୍‌ଲାଗ୍ ମାୟ୍ ବଲ୍ ଜୁତ । ମିସିଙ୍ଗ୍ ଲିଉଙ୍ଗ୍ ଅଡ଼ମସେତ୍ ଇଁବେଲା ଗାରିବକ୍ ମୁୟ୍ ବୁବୁ ଡ୍ରିଗିତା । ଆମାୟ୍ ଜାଡୁଂ ବୁଗତା । ଗିତିନ୍‌ସା ମାଇନା ୟେଁରିବଗ୍  ବନି ତୁର୍‌ଗିତା । ମାୟ୍ ମୁୟ୍ଁ ଗୁଗଲି ଜୁଗସିତା ଆମାୟ୍ ତୁଲସି ଡିଅବ ରୁଅଁ ଇଗା । ମାଇନା ଯତନ୍ ଡେମ । ସୁରଙ୍ଗ୍ ସୁଲସି ରେ କୁନୁଙ୍ଗ୍ ବାନି ଡ଼େମ । ସୁସୁମ୍‌ପୁଲାୟ୍ ବେଡ଼ । ବାନି ଡେଙ୍ଗ୍‌ସେଗ୍ ବୁବୁ ଆମାୟ ଅବ ମାରି ଗିତିନା ପାଇଟିନ୍‌ରେମ ଗୟ୍‌ଉଇଗା । "ଡିତିନ୍‌ସା ସୁନ୍ତ ଆଟାକ୍‌ରି ଜନ୍ତୁ ଉଣ୍ଡୟ୍‌ସା ତୁରୟ୍‌ନା ବୁଦିବାନି ଆଡେନ୍‌ତା ।"**



ଏକ କୃଷକ ବହୁତ ଦୟାଳୁ ଥିଲା । ସମସ୍ତ ଜୀବଜନ୍ତୁ ଓ ବୃକ୍ଷଲତାକୁ ସେ ବହୁତ ଭଲପାଏ । ଥରେ ବିଲରୁ କୃଷିକାମ ସାରି ଫେରିବା ରାସ୍ତାରେ ଦେଖିଲା, ଏକ ସାପ ରାସ୍ତାରେ ପଡ଼ିଛି । ତାକୁ କିଏ ପିଟିଛି । ଯାହା ଫଳରେ ତା' ଦେହରୁ ରକ୍ତ ଝରୁଛି । ସେ ଏକ କପଡ଼ାରେ ବାନ୍ଧି ତାକୁ ଘରକୁ ନେଇ ଆସିଲା । ତା'ର ଯତ୍ନ ନେଲା । ଔଷଧ ଲଗାଇ ତା'ର ଖଣ୍ଡିଆ ସ୍ଥାନକୁ ସୁସ୍ଥ କରାଇଲା । ଖାଇବାକୁ ଦେଲା । ସୁସ୍ଥ ହୋଇସାରିଲା ପରେ ସାପଟି ତାକୁ ଚୋଟ ମାରିଲା ଏବଂ କୃଷକଟି ମରିଗଲା । ତେଣୁ କୁହାଯାଏ "ଦୁଷ୍ଟ ଜୀବ କେବେ ବି ନିଜର ପ୍ରକୃତି ବଦଳାଇ ପାରେ ନାହିଁ ।"

# କାବାବାୟ୍ ବୁଦି (ବୋକାମୀର ଫଳ)

ମୁୟ୍ ଲାଟାବକ୍ କଲିଆ ଡିକିଗା । ମିସିଂ ମାୟ୍ ମୁୟ୍ ମୁନାବାୟ୍ ବୁବୁ ଜୁଲ । ମନେ ମନେ ଗିତିନ୍ ବୁବୁସୁଗ ମୁନାବାୟ୍ ଡେନ୍ତିଙ୍ ଡ ସିତା ତୁବୁଗ୍ ବ ଡ୍ରିଗ୍ସିତା ଆତିତି ତେସୁଙ୍ ତଙ୍ଗରତଙ୍କା ଡେଙ୍କେକା । ମାରି ବୁବୁସୁଗ ମାଇନା ଏଂରି ଆଡେନ୍ତା । ମାୟ୍ ଆମାୟ୍ନା ଆରେମଲେ କନ୍ କାତା ସୁନ ପେ ଆନିଙ୍ନା ଆତିତି ମାରି ଆ ତିସୁଙ୍ ବ ସବସିତା ଓ୍ବାଁ ।



ଜଙ୍ଗଲରେ ଏକ ବିଲୁଆ ରହୁଥିଲା । ଥରେ ସେ ଏକ ବଡ଼ ସାପ ଦେଖିଲା । ମନେ ମନେ ସେହି ସାପ ଭଳି ବଡ଼ ଶରୀର ପାଇବାର ଆଶା କରି ସେ ଭୂମି ଉପରେ ଶୋଇ ଗୋଡ଼ ହାତକୁ ଆଗକୁ ଓ ପଛକୁ ଦେଇ ଯେତେ ସମ୍ଭବ ଟାଣି ଓଟାରି ହେଲା । ତଥାପି ସେ ସାପ ସହ ସମାନ ହୋଇ ପାରିଲା ନାହିଁ । ସେ ତା'ର କିଛି ସାଙ୍ଗ ବିଲୁଆକୁ ଏ ବିଷୟରେ ଜଣାଇ କହିଲା – "ମୋତେ ଆଗରୁ ଓ ପଛରୁ ଧରି ତୁମେମାନେ ଟାଣ ।

ଡିତିନା ସୁନସିତା ମାୟ୍ ତୁବୁଗ୍‌ବ ଡ୍ରିଗା ଉଇଗା । ଏନ୍ତୁଗ୍ କଲିଆ ଆତିତି ସବ ମାରି ଏନ୍ତୁଗ୍ କଲିଆ ତୁର୍‌ଗୁନା ଆତେସୁଙ୍ଗ୍‌ବ ସବସିତା ଓ୍ୱାନ । ଗିନ୍ କଲିଆ ମାରି ଓ୍ୱାଁ ଡସି ସୁଁ ସୁଁ ବେଲା ମାଇନା ସୁଲୟ୍ ତିଗ୍‌ପା ଉଇଗା ସା ଗୟ୍‌ଉଇଗା ।

ପାଲ୍ ରେମସୁଗ ଡେନ୍‌ତିଙ୍ଗ୍ ଡନା ଡିତିନା ଡେନ୍‌ତା ।



ଯେ ପର୍ଯ୍ୟନ୍ତ ମୁଁ ସେହି ସାପ ଲମ୍ବର ନ ହୋଇଛି ସେ ପର୍ଯ୍ୟନ୍ତ ମୋତେ ଟାଣିବ । ଏହା କହି ସେ ଭୂମି ଉପରେ ଶୋଇଲା । କିଛି ବିଲୁଆ ଆଗଗୋଡ଼ ଓ କିଛି ବିଲୁଆ ପଛଗୋଡ଼ ଧରି ଟାଣିଲେ । ଆହୁରି ଟାଣ, ଆହୁରି ଟାଣ କହୁ କହୁ ବିଲୁଆର ପେଟ ଫାଟି ଯିବାରୁ ସେ ମରିଗଲା । ଅର୍ଥାତ୍ ଅନ୍ୟମାନଙ୍କ ସହ ନିଜକୁ ତୁଳନା କରିଲେ ଏହି ଦଶା ଭୋଗିବାକୁ ପଡ଼େ ।

# ସାଲାକି ବାଇ ମେଣ୍ଢା (ଚତୁର ମେଣ୍ଢା)

**ମୁଇ ଗୁଶବୁର ରେପ୍‌ତେ କୁଡୁବାଇ ଡିକିଗା । ମାଇ ମୁସୁମ୍ ପୁଲାଇ ତୁର ଭୁଲଖିଗା । ଗିତିନ୍ ବେଳା ଜୁଝର୍ ଡାକ୍‌ବକ୍ ମୁଇଁ ମେଣ୍ଢା ମେଁ ମେଁ ଡକୁନୁଙ୍ଗ୍ ମାଗସେକ୍ ଉଇଗା । ମାଇଁ ମୁଇଣ୍ଢା ମୁଇଣ୍ଢା ଖୁସି ଡେଙ୍ଗା ମାରି ସୁସୁମନା ବାଗତା ଡସେଗା ସୁରୁଇ ଉଇଗା, ସେକ୍ ଜୁଲ୍‌ଅ ମୁଇଅଁ କୁଣ୍ଡା ବାକ୍‌ବକ୍ ମେଣ୍ଢା ତଙ୍ଗ୍‌ଗିତା । ଗୁଶବୁର ଆଲୁଙ୍ଗ୍ ଡିକିଗାଁ । ମାଇଁ ମାୟଁ ମାୟଁ ଚିନ୍ତାଲ । ନିଙ୍ଗ୍ ମେଣ୍ଢାନ୍ ବକ୍ ଡିଡେବେଲା ନଙ୍ଗ୍ ମେଣ୍ଢାବକ୍ ଉଇଡ଼େକିନା ବେଲା ମେଣ୍ଢା ଇନ୍‌ଗାରି ଡୁଡୁଙ୍ଗ୍ ଡେଙ୍ଗ୍ ବୁଙ୍ଗ୍‌ତ ।**



ଏକ କୋକିଶିଆଳ ଖୁବ୍ ଭୋକିଲା ଥିଲା । ସେ ଖାଦ୍ୟର ସନ୍ଧାନରେ ଘୂରି ବୁଲୁଥିଲା । ଏହି ସମୟରେ ଝରଣା କୂଳରୁ ଏକ ମେଣ୍ଢାର ମେଁ ମେଁ ଶବ୍ଦ ଶୁଣି ସେ ଦିଗକୁ ଗଲା । ସେ ମନେ ମନେ ଖୁସି ହେଲା । ଖାଦ୍ୟଟିଏ ମିଳିବ ଭାବି ଶୀଘ୍ର ଯାଇ ଦେଖିଲା, ଏକ ପାହାଡ଼ ଉପରେ ମେଣ୍ଢାଟିଏ ଠିଆ ହୋଇଛି । କୋକିଶିଆଳ ତଳେ ଥିବା ମେଣ୍ଢାଠାରୁ ସେ ବହୁ ଦୂରରେ ଥିଲା । ସେ ମନେ ମନେ ଚିନ୍ତା କଲା ମୁଁ ଯାଇ ମେଣ୍ଢା ପାଖରେ ପହଁଚିବା ବେଳକୁ ହୁଏତ ମେଣ୍ଢାଟି ସେଠାରେ ପଳାଇଯାଇଥିବ ।

ମାରି ମାୟଁ ଚିନ୍ତା ଡେମ୍ । ମାଇ ସୁତ୍ରାୟ ସେତାଏ ମେଣ୍ଢା ବାଇଲକ୍ ନ ବାନିବାଇ ଡ ସୁନ । ନ ଆଲୁଙ୍ଗ୍ ଝରନା ଭଲବାଇ କିରାଇ ସୁମ୍‌ତୁନ ମାରି ମୁରାଇବାଇ ଡାକ୍ ଉତୁନ୍ । ମେଣ୍ଢା ଗୁଣବୁରନା ସାଲାକି ମାଗ ହୁଇଗା । ମେଣ୍ଢା ସା ଭଲବାଇ ତୁମ ସୁନ । ମାଙ୍ଗ୍ ନା ସୁନକୁନୁଙ୍ଗ୍ ତୁମସା ରେପ୍‌ତେ ଭଲଲାଗା । ନିଙ୍ଗ୍ ଆକା ବାନି ଡିତିଙ୍ଗ୍ । ଆକାନିଙ୍ଗ୍ ପୁଲାଇ ବାନିବାଇ କିରାଇ ଡିତା ଡ଼ସେତା କିରାଇ ସୁସୁମ୍ ଲାକ୍‌ଗା ମାଇଁ ନିଜେ ନିଜେ ଚିନ୍ତା ଡ଼େମ ମାଇ ଆନିଙ୍ଗ୍ ସୁମ୍‌ଥିଙ୍ଗ୍ ଡସେର୍ ଓ୍ୱାଇୟକା ଆନିଙ୍ଗ୍ ଆକା ବାନି ବାନି ବାଇ ସୁସୁମ ଜାଆ ବାଙ୍ଗ୍‌ଗା ଗିତିନ ସୁମ କୁସିରେ ଡିଥିଙ୍ଗ୍ ।



ତେଣୁ ସେ ଏକ ଯୋଜନା ଚିନ୍ତା କଲା । ଆଦର ପୂର୍ଣ୍ଣ କଣ୍ଠରେ କହିଲା–ହେ ପ୍ରିୟ ମେଣ୍ଢା ଭାଇ ! ତୁମେ ବହୁତ ଭଲ । ତୁମେ ଯଦି ତଳକୁ ଆସନ୍ତ ଏଠାରେ ନରମ ଘାସ ଖାଇବା ସହିତ ଝରଣାର ଥଣ୍ଡା ମଧୁର ଜଳ ପିଇବାକୁ ପାଇବ । ମେଣ୍ଢାଟି କୋକିଶିଆଳର ଚାଲାକି ବୁଝିଗଲା । ସେ ବି ନରମ ମଧୁର କଣ୍ଠରେ କହିଲା, ଭାଇ ହେ ! ପରାମର୍ଶ ପାଇଁ ଧନ୍ୟବାଦ । ମୁଁ କିନ୍ତୁ ଏହିଠାରେ ଠିକ୍‌ଅଛି । ଏଠାରେ ମୋ ପାଇଁ ପର୍ଯ୍ୟାପ୍ତ ଘାସ ଅଛି । ଏହା କହି ସେ ଘାସ ଖାଇବାରେ ଲାଗିଗଲା ଓ ମନେ ମନେ ଚିନ୍ତା କଲା ଧୋକ୍କାବାଜ୍ କୋକିଶିଆଳର କଥାରେ ପଡ଼ି ନରମ ଘାସ ଖାଇବା ଅପେକ୍ଷା ଏହିଠାରେ ଯାହା ମିଳୁଛି ସେତିକିରେ ସନ୍ତୁଷ୍ଟ ହେବା ଉଚିତ୍ ।

# ଡୁଙ୍ଗା ବୁବୁ (ଚରି ଖାଉଥିବା ସାପର କାହାଣୀ)

ମୁଇଁ ଡିଂଅଁବକ୍ ଗିସିଂ ଡିକିଗା । ଗିତିନା ଗିସିଂ ଇସାଅ ଉନ୍ତବ୍‌ଡେନ୍‌ଗା । ମିଛିଙ୍ଗ୍ ମୁଇ୍ ବୁବୁ ଗିସିଂ ନା ଉନ୍ତସିଙ୍ଗ୍ ଜୁଲ । ମାଇଁ ଗିତିନା ଉନ୍ତସିଂଙ୍ଗ୍ ମିରି ସୁମ୍‌ଥିଙ୍ଗ୍ ଡ଼ସେତ ଭାବଲ । ମୁଇଁ କାନାବକ୍ ଗାଇସେକ୍ ଉନ୍ତସିଂଙ୍ଗ୍ ଇସାଅ ବୁବୁ ସୁମ ସୁଙ୍ଗ୍‌ସୁ । ମିଟିଙ୍ଗ୍ ଡିଅନା ରେମ ଆବୁବୁ କାନାଗାରି ତୁତୁର ବକ୍ ଜୁଲ । ଗିସିଙ୍ଗ୍‌ନା ଡିଅବକ୍ ଗାଇକ୍ ସେକ୍ ଉନ୍ତସିଂ ଜୁଲସା ଉନାଗିତା । ଆକନା



ଗୋଟିଏ ଘରେ କୁକୁଡ଼ା ଥିଲା । ସେ କୁକୁଡ଼ା ସବୁଦିନ ଅଣ୍ଡା ଦିଏ । ଦିନେ ଗୋଟିଏ ସାପ କୁକୁଡ଼ାର ଅଣ୍ଡାକୁ ଦେଖିଲା । ସେ ଅଣ୍ଡାକୁ କେମିତି ଖାଇବ ବୋଲି ଭାବିଲା । ଗୋଟିଏ ଗାତରୁ ଯାଇ ଅଣ୍ଡାକୁ ସବୁଦିନ ଖାଇ ଦେଉଥାଏ । ଦିନେ ଘରର ମାଲିକ ସାପକୁ ଗାତ ଭିତରୁ ବାହାରିବାର ଦେଖିଲା । କୁକୁଡ଼ା ଘର ଭିତରକୁ ଯାଇ ମାଲିକ ଦେଖିଲା ବେଳକୁ ଅଣ୍ଡା ଅଳ୍ପ ଅଛି । ଏହି ସାପକୁ ମାରିବି ବୋଲି ଦିନେ ଅଣ୍ଡାକୁ ସିଝାଇଲା ପରେ ସେହି ଅଣ୍ଡାକୁ ଅଣ୍ଡାବସା

ବୁବୁ ମିରି ଅଡାବଥିଙ୍ଗ୍ ଡସେକ୍ ଉନ୍ତସିଂ ଡୟଁଡ଼ ସେକ୍ ଆତୁଙ୍ଗ୍‌କୁରାକ୍ ବୁଅଁବେଡ଼ । ମାଇଁ ତିପାକ୍ ସେକ୍ ଆବୁବୁ ଜୁଲକା । ଗିତିନା ବୁବୁ କାନାବକ ଗାଇଗାସେକ୍ ଉନ୍ତସିଙ୍ଗ୍ ସୁମ । ଡୟଡ଼କୁନୁକ୍ ଉନ୍ତସିଂ ଲୁବସା ସୁଲଇ ମୁନା ଉଇଗା । କାନାବକ୍ ତୁର୍‌ତିଙ୍ଗ୍‌ଡସା ତୁତୁର ଆଗଙ୍ଗ୍‌ତାସା । ଗିତିନ୍‌ରେମ ଆବୁବୁ ଅଡ଼ାବ ସୁଅଁ । ଅଡାବସା ବୁବୁ ଗଇଗା । ଡିତିନା ଡୁଙ୍ଗାଲନା ଉନ୍ତସିଙ୍ଗ୍ ବୋଲ ଆଣ୍ଡ୍ରା ।



ପାଖରେ ରଖିଦେଲା । ସେ ଘରର ମାଲିକ ଲୁଚି ସାପ ଆସୁଥିବା ରାସ୍ତାକୁ ଦେଖୁଥାଏ । ସେହି ସାପ ଗାତକୁ ଯାଇ ଅଣ୍ଡା ସିଝା ଖାଇପକାଇଲା ।  ଅଣ୍ଡା ସିଝା ଖାଇବା ପରେ ସାପର ପେଟ ଫୁଲିଗଲା । ଗାତରୁ ସାପ ବାହାରି ପାରିଲା ନାହିଁ । ସେହି ଘର ମାଲିକ ସାପକୁ ମାରି ଦେଲା ଓ ସାପ ମରିଗଲା । ତେଣୁ କରି ଅନ୍ୟର ଜିନିଷକୁ ଆସା ହେଲେ ନିଜର ଜୀବନକୁ ବିପଦକୁ ଡାକିବା ।

# ବାଡୁବାଇ ସୁମାଲା (ଅଳସୁଆ ସମା)

**ସୁମାଲା ଇମିବାଇ ରେମ ମୁଇଁ ଡିକିଗା । ମାଇ ଲାପ୍ ବାଡୁବାଇ ଡିକିଗା । ପାଇଟି ଡିଡେମ୍ ଆମାଇ ମୁଲ୍‌ବାସା ଆଡୁସୁପ୍‌ତା, ଦିରେ ଦିରେ ଉରିଙ୍ଗତ୍ । ମାଇଁ ଅଳସୁଆସା (ଗାଇଣ୍ଡା ବାଇ) ଇସାଅ ଗୁଡାଙ୍ଗ୍‌ଗାର ଡିତା । ମାଇଁନା ଜଙ୍ଗ୍ ଆମାଇ ଇସାଅଁ ବୁଜାଇତ୍ । ଅଅଁ, ନ ଗାଇଣ୍ଡା ଅତୁରବେ । କଅଁ ନା ସୁଦ୍ଧି ଭଲ ଆଣ୍ଡ୍ରା । ଗିତିନ୍‌ସା ନଅଁ ଉଡ଼ଇସା କାଳବକ୍ ଗାଇତୁନ୍ ମାଇ ଜାନସା ତୁମ ଆଅଁଙ୍ଗ୍‌ତ । ମିସିଙ୍ଗ ସୁମାଲା ଲୁଡାକ୍ ଡିକିନ୍ ସେମୁଗ୍ ଆଲୁଙ୍ଗ୍ ଲେମକିଗା । ଆତ୍‌କନ୍ ରେମଲେ କାମ୍ ଡିଡେମ୍ ଡେଙ୍ଗଖିଗା ।**



ସମା ନାମରେ ଏକ ଲୋକ ଥିଲା । ସେ ବଡ଼ ଅଳସୁଆ ଥିଲା । ପରିଶ୍ରମ କରିବାକୁ ସେ ଆଦୌ ପସନ୍ଦ କରୁ ନ ଥିଲା । ଧୀରେ ଧୀରେ ଚାଲେ । ନିଜର ଅଳସୁଆମୀ ପାଇଁ ସବୁଥିରେ ପଛୁଆ ହୋଇଯାଏ । ତା'ର ମାଆ ତାକୁ ସବୁଦିନ ବୁଝାନ୍ତି- "ପୁଅ, ତୁ ଅଳସୁଆମୀ ଛାଡ଼ । ଏହା ଖରାପ ଅଭ୍ୟାସ । ଏଥିପାଇଁ ତୁ ଦିନେ ବଡ଼ ବିପଦରେ ପଡ଼ିଯାଇ ପାରୁ ।" ସେ କିନ୍ତୁ କାହାରି କଥା କିଛି ଶୁଣେ ନାହିଁ । ଦିନେ ସମା ଏକ ଛାଇ ପ୍ରଦାନ କରୁଥିବା ଗଛ ମୂଳରେ ଶୋଇଥିଲା । ପାଖରେ ଅନ୍ୟ କିଛି ଲୋକ କାମ କରୁଥିଲେ ।

ସୁମାଲା ଇମିବାଇ ରେମ ସୁଲୁଙ୍ ଗାରି ଉର ଉରସାଗା । ସୁନ ବୁୟାଏଁ ଗୁଲାଇର ଡୁଆଁ ନାହିଁ । ମୁଇୟଁ ଗିମେସ ସିଶାବ ଡ଼େନତା ମାଇ ଅନାଇ ଆଗୁଲାଇର ସୁମତ । ସୁମାନା ଡୁମ ମାଗ୍ ସେକ୍ ଗୁଲାଇ ରେମ ଉର ଉର ଡୁଗ୍ତା । ସୁମାଲା ସୁନ ଗିମେସ ସୁଲୁଙ୍ ଗାରି ଡିତା ଉଡୁ ସିସାପ୍ ପତେକ୍ ନିଙ୍ ଅଲପ୍ ସେମୁଗ୍ ଆଲୁଙ୍ ଲାଇଗିଥିଙ୍ । ଆମାଇ ସୁଲୁଙ୍ ଗାରି ଜୁଲ ସେକ୍ ଉର୍ତିଙ୍ଲାଇ । ସେମୁ ଆଲୁଙ୍ ଅଲପ୍ ଅଲପ୍ ଉଇଡାକ୍ ବାଗାସା ମାଇଁ ଲେମଉଇଗା । ଗିମେସ ସାଗ୍ସେକ୍ ଆମାଇ ସୁମସୁଙ୍ (ସୁଅଁ) ଗାଇଣ୍ଡୋ ବାଇନା ସୁମାଲା ଗଇଁଗା ।



ସମା ନାମରେ ଜଣେ ଲୋକ ଦୂରରୁ ଦୌଡ଼ି ଦୌଡ଼ି ଆସି କହିଲା "ବନ୍ଧୁମାନେ ଏଠାରୁ ପଳାଇ ଚାଲ । ଏକ ଭାଲୁ ଆସୁଛି । ସେ ଆମ ସମସ୍ତଙ୍କୁ ଖାଇଯିବ ।" ଏହା ଶୁଣି ସବୁ ଲୋକ ଦୌଡ଼ିଲେ । ସମା ଭାବିଲା ଭାଲୁ ତ ଦୂରରେ ଅଛି ପାଖକୁ ଆସୁ, ମୁଁ ଆଉ ଅଳ୍ପ ସମୟ ବିଶ୍ରାମ ନିଏ । ତାକୁ ଦୂରରୁ ଦେଖିଲେ ମୁଁ ଦୌଡିବି । ଗଛ ମୂଳରେ ଧୀର ପବନରେ ବିଶ୍ରାମ ନେବାକୁ ଯାଇ ତାକୁ ନିଦ ଲାଗିଗଲା । ଭାଲୁ ପହଞ୍ଚି ତାକୁ ମାରି ଖାଇଲା । ଅଳସୁଆ ସମାର ଜୀବନ ଗଲା ।

# ହାତୀର ତୁମ (ହାତୀର ଶୁଣ୍ଢ)

**ବେସି ଦିନ୍‌ନା ସୁନ କୁନୁଙ୍ଗ ଅଇଁ । ଗିତିନା ବେଲା ହାତୀନା ତୁମ ଡାଉବାଇ ଡିଖିଗା । ମିଶିଙ୍ଗ୍ ହାତୀ କିଣ୍ଡ୍ରାକ୍ ବକ୍ ଡାକ୍ ଡଁ ଉଇକିଗା । ଆମୁଗୁଂର୍ ଜୁଲସେତା ସୁନ ଏ ମୁଗୁଂର୍ ନ ବୟଙ୍ଗ୍‌କାର ବାଇ ଜୀବନନା ୟେଁରି ମାସା ସିଲାଇବାଇ ଡେଙ୍ଗ୍ ଉଇଗା ଡ଼ ସୁନ ସେଗ୍ ହାତୀ ଡୁଡଲ ବେଡ଼ । ମୁଗୁର ଡିକନ୍ ବାଇ ତୁମ ଅଃଗ୍ ସେଗା ରେପ୍‌ତେ ଗିସେଗ୍ ଉଇଗା । ମାର ସୁନ ।**



ବହୁତ ଦିନ ପୂର୍ବର କଥା । ସେତେବେଳେ ହାତୀର ଶୁଣ୍ଢ ଛୋଟ ଥିଲା । ଥରେ ହାତୀ ନଦୀକୁ ପାଣି ପିଇବାକୁ ଯାଇଥିଲା । କୁମ୍ଭୀରକୁ ଦେଖିଲା । କହିଲା – "ଆରେ କୁମ୍ଭୀର, ତୁ ତ ଏକ ଚମତ୍କାର ଜୀବ । ତୋର ଦେହଟା ଏତେ ଲମ୍ବା କାହିଁକି ?" ଏହା କହି ସେ ହସିଲା । କୁମ୍ଭୀର ଏଭଳି ଅପମାନଜନକ କଥା ଶୁଣି ରାଗିଗଲା ଓ କହିଲା

“ନିଙ୍ଗ୍ ଆନ ନିଙ୍ଗ୍ନା ଶିଲାଇବାଇ ୟେଁରିନା ନିଙ୍ଗ୍ ବପୁ ଅସୁଇୟ ବେଥିଙ୍ଗ୍ । ଡିକନା ସୁନ ସେଗାଂ ହାତୀନା ଆଡୁମ ସବସେଗ୍ ୱାନ । ହାତୀ ରେପ୍ତେ (ଲାପ୍) ଗା ସା ମାଇନ୍ବକ୍ ଗୁଲାଇର ମିସ୍ସେକ୍ ସାଗା କଲିଆ, ଘୋଡ଼ା, ଜିରାପ୍, ଗୁଲାଇ ଜନ୍ତୁ ସାଗାଁ ଆମାଇନା ଆପୁରା ଗୁଲାଇର ମିସ୍ସେଗାଁ ୱାନ ତଙ୍ଗ୍ର ତଙ୍ଗ୍କାର ୱାନସା ହାତୀନା ଡୁମ ସିଲାଇ ଉଇଗାଁ ।



“ମୁଁ ତୋତେ ମୋ ଲମ୍ବା ଶରୀରର ଉପଯୋଗ ଦେଖାଉଛି । ଏହା କହି ସେ ହାତୀର ଶୁଣ୍ଢକୁ ଧରି ଟାଣିଲା । ହାତୀ ଚିତ୍କାର କଲା ତାକୁ ସାହାଯ୍ୟ କରିବାକୁ ବିଲୁଆ, ଘୋଡ଼ା, ଜିରାଫ ଆଦି ପଶୁ ଆସିଲେ । ତା’ର ଲାଞ୍ଜକୁ ଧରି ପଛକୁ ଟାଣିଲେ । ଏହି ଟଣା ଟଣି ଯୋଗୁଁ ହାତର ଶୁଣ୍ଢଟି ଲମ୍ବା ହୋଇଗଲା ।

# କାବାବାୟ୍ ଗୁସ (ବୋକା କୁକୁର)

ମିଣ୍ଡା ରେମ ଲାବ୍ ମେଣ୍ଢା ବରଲବୁଗଁ । ଆମେଣ୍ଢା ଜାଗ୍‌ବାରପୁଲାୟ୍ ଉମ୍ବାର୍ ସୁନାବାୟ୍ ଗୁସ ଡିକୁଗା । ଆମେଣ୍ଢାଲେ ମେଣ୍ଢା ଶାଲୁବଗ୍ ତୁଲବୁଗଁ । ମିସିଙ୍ଗ୍ ଆଗଁ୍‌ଡୁର୍‌କା ସାଗା । ଆମେଏ ଜୁଲସିତା ଉମ୍ବାରଗୁସ ୟନ । ମାୟ ଡୁଗଁ୍‌ସିତା ବୁଦି ଡେମ । ମାୟ୍ ମାରି ମେଣ୍ଢାବଗ୍ ଆଉଇତ ସିଦା ଗୁସନ୍‌ବକ୍ ଉଇଗା । ସୁନ ଏ ମଇତର୍ ଆନିଙ୍ଗ୍ ମାସା ଗିସେ ଗୁତୁନ୍ ? ନିଙ୍ଗ୍‌ନନ୍ ବାନିପୁଲାୟ ନନ୍ ବଗ୍ ସାଗ୍‌ନିଙ୍ଗ୍ । ନ ବୁରଙ୍ଗ ମଇତ୍‌ର ଲାୟତିଙ୍ଗ୍ । ନ ସିନା ଆକା ସାକାର୍‌ନା ତୁମଃ ଅଗଁସିତା ଜାଗ୍‌ଲସିତ୍ ଡିତିନ୍ । ମା ବେଡ଼ନା ଗିତିନ୍ ସୁମନନି ।



ଏକ ମେଷପାଳକ କିଛି ମେଣ୍ଢା ରଖିଥିଲା । ସେମାନଙ୍କୁ ଜଗିବା ପାଇଁ ୨ଟି ବଡ଼ କୁକୁର ରଖିଥିଲା । ମେଣ୍ଢା ମାନଙ୍କୁ ଏକ ଘେରା ବାଡ଼ ମଧ୍ୟରେ ରଖିଥିଲା । ଥରେ ଗୋଟିଏ ଗଧିଆ ଆସିଲା । ତାକୁ ଦେଖି ଦୁଇଟି କୁକୁର ଗୋଡ଼ାଇଲେ । ସେ ପଳାଇଯାଇ ଉପାୟ ପାଂଚିଲା । ସେ ଆଉ ମେଣ୍ଢାମାନଙ୍କ ବାଡ଼ ପାଖକୁ ନ ଯାଇ ସିଧା କୁକୁରଙ୍କ ପାଖକୁ ଗଲା । କହିଲା ପ୍ରିୟ ମିତ୍ର, ମୋ ଉପରେ ରାଗୁଛ କାହିଁକି ? ମୁଁ ତ ତୁମରି ଭଲ ପାଇଁ ଆସିଛି । ତୁମ ସହ ମିତ୍ରତା କରିବି । ତୁମେ ସିନା ଏଠାରେ ମାଲିକର କଥା ମାନି ଜଗି ବସିଛ । ଯାହା ଦେଲେ ତାହା ଖାଉଛ ।

ନିଙ୍ଗ୍ କୁଣ୍ଡାବକ୍ ଡୁଡଲ ସାଇଗସିତା ବୁଲ୍ଲତିଙ୍ଗ୍ । ଆନିଙ୍ଗ୍ କୁଣ୍ଡାବକ୍ ଆର୍ସା ସୁସୁମ୍ନା ବାମ୍ତା । ନ ନିଙ୍ଗ୍ ବୁରୁଙ୍ଗ୍ ଅୟ୍ ସାବା । ନିଙ୍ଗ୍ ବୁରୁଙ୍ଗ୍ ଡୁଡଲ ସାଇଗସିତା ବୁଲ୍ତନ । ଯା ପୁଲାୟ୍ସା ପାଇଟି ମ ଡିଡେମ ସୁସୁମପୁଲାୟ ବାମ୍ତା । ଅଗଁସିତା ଗୁସଡେ ଡୁର୍କା ବୁରଙ୍ଗ୍ ଉଇଗା । ଆରି ଡୁରୁକାଲେନ୍ ଡିକୁନୁଙ୍ଗ୍ ଡିଅବଗ୍ ଆଉମ୍ଧାର ଗୁସପା ଅୟଉଇଗା । ଡୁର୍କାଲେ ଗୁଲାୟ୍ର ମିଗସିତା ଆମାୟ୍ପା ଅଡ଼ାବସୁଗଁ । ଗୁସପା ଗୟ ଉଇସାଗା ଡୁର୍କାଲେ ଆମେଣ୍ଢାଲେ ସୁମସୁଗଁ ।

କାବାବାୟ ଗୁସସା ମାୟ୍ପାନା ପାରାନ୍ ଉଇଗା, ମାରି ସାକାର୍ନା ମେଣ୍ଢା ବୁଡ଼ାୟବେଡ଼ ।



ମୁଁ କିନ୍ତୁ ସ୍ୱାଧୀନ ହୋଇ ବୁଲୁଛି । ମୋତେ ବଣରେ ଯେଉଁଠି ହେଲେ ଖାଇବାକୁ ମିଳିଯିବ । ତୁମେ ଆଜି ମୋ ସହ ଚାଲିଆସ । ସ୍ୱାଧୀନ ଭାବରେ ବୁଲିବ । କାହା ପାଇଁ କିଛି କାମ ନ କରି ମଧ୍ୟ ଖାଇବାକୁ ପାଇବ । ଏହା ଶୁଣି କୁକୁରମାନେ ତା' କଥାରେ ମାତିଗଲେ । ସେମାନେ ତା' ସହ ବଣକୁ ଗଲେ । ଯେଉଁଠି ଗଧିଆ ପଲ ଥିଲେ ସେ କୁକୁର ଦୁଇଟିକୁ ସେଇଠିକୁ ନେଇଗଲା । ସମସ୍ତ ଗଧିଆ ଏକ ସାଙ୍ଗେ ଆକ୍ରମଣ କରି ତାକୁ ମାରିଦେଲେ । ତା' ପରେ ସେମାନେ ବାଡ଼ ଡେଇଁ ସମସ୍ତ ମେଣ୍ଢାକୁ ଖାଇଗଲେ । ବୋକା କୁକୁରଗୁଡ଼ିକ ନିଜର ବୋକାମୀ ଯୋଗୁଁ ଜୀବନ ହାରିଲେ ଏବଂ ମାଳିକର କ୍ଷତି କଲେ ।

# ମାପ୍‌ରୁ ଆଗୁଲାୟ୍‌ର ଜୁତ (ଭଗବାନ ସମସ୍ତଙ୍କୁ ଦେଖୁଛନ୍ତି)

ମୁଇଁ ଉଙ୍ଗ୍‌ମ୍‌ବ ବାଡ଼େଙ୍ଗ୍ ମାରି ଅଅଁଣ୍ଡାଇଁ ଡିକିଗା । ବାଡ଼େଙ୍ଗ୍ ଇସାଅ ଡୁଙ୍ଗାଲସିତା ଆଗୁଲାୟ୍‌ର ବରଲକୁଗା । ମାଇନା ଅଅଁନା ଆଠ ଦଶ ବର୍ଷ ଡେଙ୍ଗ୍‌କେଗା । ବାଡ଼େଙ୍ଗ୍ ଇସାଅ ମିଣ୍ଡାରେମ ଡୁଙ୍ଗାଲ୍‌ସିତା ଉଣ୍ଟୁଙ୍ଗ୍ । ମିସିଙ୍ଗ୍‌ନା କାତା, ଅୟ୍‌କେର୍ ବେଲା ଡିକିଗା । ଡିଅବ ଉଙ୍କୁବ୍ ଆଡିତା । ବାଡେଙ୍ଗ୍ ଗିତିନ୍‌ଇ ଆ ଅଅଁଣ୍ଡାଇଁ ଅୟ ଉଣ୍ଟୁଙ୍ଗ୍‌ପାଲାୟ୍ ବାବ୍‌ଲ । ବାଡ଼େଙ୍ଗ୍ ମାରି ଅଅଁଣ୍ଡାଇଁ ମିସ୍‌ସିତା ମୁଇଁ ଲିଉଙ୍ଗ୍ ବଗ୍ ଉଇଗା । ବାଡ଼େଙ୍ଗ୍ ଆ ଅଅଁଣ୍ଡାଇ ସୁନ୍, ନିଙ୍ଗ୍ କେରଙ୍ଗ୍ ଅୟ୍‌କେର୍ ଡେମ୍‌ତିଙ୍ଗ୍ ନ ଜୁଲକିଲା, ଆନିଙ୍ଗ୍ ଯାସା ଆଜୁଲେୟ୍ ।



ଗୋଟିଏ ଗାଁରେ ବାପ ପୁଅ ଥିଲେ । ବାପା ସବୁବେଳେ ଚୋରି କରି ପରିବାର ଚଳାଉଥିଲା । ପୁଅଟି ତା'ର ଆଠ ଦଶ ବର୍ଷର ଥିଲା । ବାପ ସବୁବେଳେ ଏକୁଟିଆ ଚୋରି କରି ଆଣୁଥିଲା । ଦିନକର କଥା । ଫସଲ ଅମଳ ସମୟ ହୋଇଥାଏ । ଘରେ ଚାଉଳ ନ ଥିଲା । ବାପା ସେଦିନ ପୁଅକୁ ଡାକି ନେବାକୁ ଠିକ୍ କଲା । ବାପ ପୁଅ ମିଶି ଗୋଟିଏ ଧାନ ବିଲକୁ ଗଲେ । ବାପ ପୁଅକୁ କହିଲା, ମୁଁ ଧାନ କାଟୁଥିବି ତୁ ନଜର ରଖିବୁ, ମୋତେ ଯେମିତି କେହି ନ ଦେଖନ୍ତି ।

**ଅଅଁଣ୍ଡାଇଁ ଅଙ୍ଗ୍ ଡୋସିତା ମୁଇବ୍ ତଙ୍ଗ୍କିଗା । ବାଡ଼େଙ୍ଗ୍ ଗିତିନ୍ ବେଲା କେରଙ୍ଗ୍ ଅୟ୍କେର ଆରାମ୍ ଡେମ ଅଅଁଣ୍ଡାଇ ଉଗ୍ଡାଗ୍ସିତା ଆବାଡ଼େଙ୍ଗ୍ ସୁନ ମିଣ୍ଡା ଜୁଲତା । ଅଅଁଣ୍ଡାଇଁ ନା ତୁମ ଅଙ୍ଗ୍ସିତା ବାଡ଼େଙ୍ଗ୍ ତିପା ଉଇଗା । ତୁର୍ଗୁ ବାଡ଼େଙ୍ଗ୍ ଜୁଲ ଯାସା ଆଣ୍ଡ୍ରା । ମାଇଁ ଆ ଅଅଁଣ୍ଡାଇଁ ପାଚାର୍ଲ ଆରି ଯା ଡିତା । ଅଅଁଣ୍ଡାଇଁ ସୁନ୍ ଆବାଡ଼େଙ୍ଗ୍ ମାଗନ୍ ବବ୍ ବାଗ୍ବ ସେଙ୍ଗି ମାପ୍ରୁ ଡିଗ୍ସି ଜୁଲତା । ଅଅଁଣ୍ଡାଇଁନା କାତା ଅଙ୍ଗସିତା ମାଇନା ମନ୍ ବଦଲ୍ ଉଇଗା ମାରି ମାଗ । ନାୟ୍ ମାସା ବୁଲ କି ଟିକ୍ ଡେମକୁନୁଙ୍ଗ୍ ଆଗୁଲାୟ୍ର ମାପ୍ରୁ ଜୁଲତା ।**



ପୁଅ ହଁ କହି ଗୋଟିଏ ଯାଗାରେ ଠିଆ ହେଲା । ବାପା ଯେତେବେଳେ ଧାନ କାଟିବା ଆରମ୍ଭ କଲା, ପୁଅ ପାଟିକରି କହିଲା, ବାପା ଜଣେ ଦେଖୁଛି । ପୁଅର କଥା ଶୁଣି ବାପା ଲୁଚି ପଡ଼ିଲା । ଶେଷରେ ବାପା ଦେଖିଲା କେହି ନାହାନ୍ତି । ସେ ପୁଅକୁ ପଚାରିଲା କାହିଁ କିଏ କେଉଁଠି ଅଛନ୍ତି ? ପୁଅ କହିଲା ବାପା ଆମ ମୁଣ୍ଡ ଉପରେ ସୂର୍ଯ୍ୟ ଦେବତା ଅଛନ୍ତି, ସିଏ ଆମକୁ ଦେଖୁଛନ୍ତି । ଏତିକି କଥାରେ ବାପାର ମନ ବଦଳିଗଲା । ଆଉ ବୁଝିପାରିଲା ଆମେ ଯାହା ସବୁ କରୁଛେ ସବୁ କାମକୁ ଭଗବାନ ଦେଖୁଛନ୍ତି ।

# ବୁରବାୟ କାଦି (କଞ୍ଚା ଖାଦ୍ୟ)

ମୁୟ ଗୁଲୁ କୁଣ୍ଡାବକ୍ ତଙ୍ଗ୍ର ତଙ୍କା ଉରବୁଲ୍ଲକିଗା । ଗୁସବୁର୍ ଆମାୟ୍ ଜୁଲ । ଆଗୁଲୁ ସୁମ୍ତିଂ ଡ଼ସିତା ଉଂର ସାଗା । ଗୁଲୁ ଆମାୟ୍ ଜୁଲସିତା ଉରଡୁଙ୍ଗା । ଆମାୟ ସସବ୍ ଆଗଙ୍ତିଙ୍ ଡ଼ ସିତା ମୁୟ୍ ସିନ୍ତା ଡେମ । ସୁନ ବାଇଲକ୍ ଆନିଙ୍ ଆବୁତୁଙ୍ଗା । ନିଙ୍ ଆନ ଆସୁମ୍ତିଙ୍ । ନିଙ୍ ନ ବୁରଙ୍ ମଇତର୍ ଡେତିଂଙ୍ ଡ଼ ତିଙ୍ । ନିଙ୍ ବୁରବାୟ କାଦି ସୁସୁମ୍ ଅନ୍ତୁର ବେଡ଼ନିଙ୍ । ମା ସୁମନା ରାଗଁସି ସୁସୁମ୍ଡେନ୍ତିଙ୍ ।



ଏକ ଠେକୁଆ ଜଙ୍ଗଲରେ ଏପଟ ସେପଟ ହୋଇ ଦୌଡୁଥିଲା । ଗୋଟେ କୋକିଶିଆଳ ତାକୁ ଦେଖିଲା । ଧୀରେ ଧୀରେ ଠେକୁଆକୁ ଖାଇବା ପାଇଁ ତା' ପାଖକୁ ଆସିଲା । ଠେକୁଆ ତାକୁ ଦେଖି ଦୌଡ଼ିଲା । କୋକିଶିଆଳ ତାକୁ ଧରି ପାରିବ ନାହିଁ ଜାଣି ଏକ ଯୋଜନା କଲା । କହିଲା– ପ୍ରିୟ ଠେକୁଆ, ମୋତେ ଡର ନାହିଁ । ମୁଁ ତୋତେ ଖାଇବି ନାହିଁ । ମୁଁ କେବଳ ତୋର ସାଙ୍ଗ ହେବାକୁ ଚାହୁଁଛି । ମୁଁ କଞ୍ଚା ଖାଦ୍ୟ ଖାଇବା ଛାଡ଼ି ଦେଇଛି । ଯାହା ଖାଉଛି ରାନ୍ଧି ଖାଉଛି ।

ବାପଡ଼ା ଗୁଲୁ ଆମାୟ୍‌ନା କାତା ମାନ୍ ଉଇଗା । ମାୟ୍ ବୁରଙ୍ଗ୍ ମଇତର୍ ଡେଁଗା । ମିସିଙ୍ଗ୍ ଗୁସ୍‌ବୁର୍ ଆଗୁଲୁ ମାଇନା ଡିଅବକ୍ କିଆଙ୍ଗ୍ ସୁସୁମ୍ ପୁଲାୟ୍ କିଆଙ୍ଗ୍ ବେଡ଼ । ଅୟ୍‌କା ରାଗଁକୁନୁଙ୍ଗ୍ କିଆଙ୍ଗ୍ ଡେମତୁନ ମଇତର୍ । ଗୁସବୁର୍ ଡୁଡଲ ଡୁଡଲ ସୁନ ଅୟକା ନିଙ୍ଗ୍‌ବ ଅକନ ବାନିବାୟ୍ ବୁରବାୟ କାଦି । ଡିକନା ମାସା ନିଙ୍ଗ୍ ରାଗଁ କୁନୁଙ୍ଗ୍ କାଦି ସୁମତିଙ୍ଗ୍ । ଡିକନା ସୁନସିତା ଆଗୁଲୁ ଅଡାବସିତା ବୁରବାୟ୍ ସୁମ ସୁଁ ।



ସରଳ ଠେକୁଆ ତା'ର କଥାକୁ ବିଶ୍ୱାସ କରିଗଲା । ତା' ସହ ବନ୍ଧୁତା କଲା । କିଛିଦିନ ପରେ ଦିନେ ଠେକୁଆକୁ ନିଜ ଘରକୁ ଖାଇବାକୁ ଆମନ୍ତ୍ରିତ କଲା କୋକିଶିଆଳ । ଠେକୁଆ ଖାଇସାରି କହିଲା ଆଜି ରନ୍ଧା ଖାଦ୍ୟର ବ୍ୟବସ୍ଥା କରିଛ ତ ବନ୍ଧୁ । କୋକିଶିଆଳ ହସି ହସି କହିଲା ଆଜି ମୋ ପାଖରେ ଏତେ ସୁନ୍ଦର କଞ୍ଚା ଖାଦ୍ୟ ଥାଉ ଥାଉ ରନ୍ଧା ଖାଦ୍ୟ କାହିଁକି ଖାଇବି । ଏହା କହି ସେ ଠେକୁଆକୁ ମାରି ଖାଇଗଲା ।

# ତରୟ୍ନା ବୁଦି ଅନ୍ତୁର୍ନା ଅବୁଦି କଷ୍ଟ
# (ନିଜର ପ୍ରକୃତି ଛାଡ଼ିବା ଭାରି କଷ୍ଟ)

ମୁୟ୍ ଗିରେମ୍ ପୁଇ ଡିକିଗା । ମିସିଙ୍ ମୁଁୟ୍ ଇଗେରେ ମଇନା ବାଇ ଜୁଲସେକ୍ ଆମାଇ ଇଡିଗ୍ ଡ ନିଜେ ବାପ୍ଲ କିଗା । ନିଙ୍ତ ଗିରେମ ପୁଇ ଡିତିଙ୍ ମିରି ଆତିନା ଇଗେରା ଇଡିଙ୍ । ମୁଇ ଇଗେରେଲା ଆନିଙ୍ ମିରିରୁଙ୍ ତା ଡ଼ ସେତା ଚିନ୍ତାଲ କି ଗା । ଗିତିନ୍ସା ଉକ୍ସେର୍ ସେତା ଆମାପୁରୁ ଓ୍ୱାୟ ସେତ୍ ସୁନ ମାପୁରୁ ଆନିଙ୍ ମୁଇ ସୁଦ୍ରିବାଇ ସେଲାନେ ଡେମବେ । ନିଙ୍ ଆମୁଇ ଇଗେରେଲା ଇପରତିଙ୍ ଡ । ଆମାପୁରୁ ଓ୍ୱାୟ ସେତ୍ ସୁନଅ । ଆମାପୁରୁ ଆନିଙ ଦୟା ଡେମ ସେକ୍ ମୁୟ୍ ସୁଦ୍ରିବାଇ ସେଲାନେ ଡେମ୍ ବେ ।



ଗୋଟିଏ ବିଲେଇ ଥାଏ । ଦିନକର କଥା । ଜଣେ ସୁନ୍ଦର ଯୁବକ ସହ ତା'ର ପ୍ରେମ ହୋଇଗଲା । ବିଲେଇଟି ତାକୁ ବିବାହ କରିବ ବୋଲି ମନସ୍ଥ କଲା । ମାତ୍ର ଗୋଟିଏ ବିଲେଇ ହୋଇ କିପରି ଏକ ଯୁବକକୁ ବିବାହ କରିବ ବୋଲି ସେ ଚିନ୍ତାରେ ପଡ଼ିଗଲା । ତେଣୁ ଭାରି କାକୁତିମିନତି ହୋଇ ଭଗବାନଙ୍କୁ ପ୍ରାର୍ଥନା କରି କହିଲା, "ହେ ଭଗବାନ ! ମୋତେ ଦୟାକରି ଏକ ସୁନ୍ଦର ଝିଅ ବନେଇ ଦିଅନ୍ତୁ;

ମିରି ନିଙ୍ଗ୍ନା ମନବାଇ ଇନ୍‌ଗେରେ ବକ୍ ଇପର୍‌ତିଙ୍ଗ୍ । ବଲବାଇ ମାପୁରୁ । ଗିରେମ୍‌ପୁଇ ନା ତୁମ ଅଗଁ ସେକ୍ । ଆମାଇ ସେଲାନେ ଦେମ ବେଡ଼୍ । ମାରି ଗିରେମ୍‌ପୁଇ ନା ସେଲାନେ ଡେଙ୍ଗଭଗା । ମାଇସୁରୁଇ ସୁରୁଇ ଉଇଗା । ମାଇନ୍ ମନବାଇ ଇନ୍‌ଗେରା ବାଙ୍ଗ୍ଗା । ଇନ୍‌ଗେରା ସା ମାଇ ମନ୍‌ବାଇ ସୁଦ୍ରିଡିତା ଡ ସେତ୍ ଆସେଲାନା ରୁଗ୍‌ତିଙ୍ଗ୍ ଡ଼ସୁନ । ଅୟା ଦିନ ଡିକିଗା ସା ମାରି ଆସେଲାନ ଅଡିଅଲ ବେଡ଼୍ । ମିସିଙ୍ଗ୍ ଉମ୍ବାୟ ଡିୟବକ୍ ଲାଇକିଗାସା । ମାପୁରୁ ଜୁଲ ଗିରେମ୍ ପୁଇଗାରିଗାର୍‌ନ ସେଲାନେ ଡେଗ୍‌ଗିତା ଗିରେମ୍ ପୁଇମାଇ



ଯାହା ଫଳରେ ମୁଁ ମୋର ପସନ୍ଦର ଯୁବକକୁ ବିବାହ କରିପାରିବି ।” ଦୟାଳୁ ଭଗବାନ ! ବିଲେଇର ମନୋଭାବ କଥା ଜାଣି ତାକୁ ଝିଅଟିଏ କରିଦେଲେ । ତା’ପରେ ବିଲେଇଟି ଝିଅ ହୋଇଗଲା । ସେ ସଂଗେ ସଂଗେ ଯାଇ ତା’ ପସନ୍ଦର ଯୁବକକୁ ପ୍ରେମ ନିବେଦନ କଲା । ଯୁବକଟି ମଧ୍ୟ ଝିଅଟି ସୁନ୍ଦର ଥିବା ଦେଖି ପ୍ରେମ ନିବେଦନକୁ ସ୍ୱୀକାର କଲା । କିଛି ଦିନ ପରେ ଦୁହେଁ ବିବାହ କଲେ ।  ଦିନେ ଦୁହେଁ ଘରେ ବସିଥାନ୍ତି । ଭଗବାନ ଭାବିଲେ, “ବିଲେଇଟିରୁ ଝିଅ ହୋଇଥିବା ବିଲେଇ ତା’ ଅଭ୍ୟାସ ଛାଡ଼ି ପାରିଛି ନା ପରିବର୍ତ୍ତନ ହୋଇଯାଇଛି ।

ମୁଲନା ସରନି ଡିତା କି ଆଡ୍ରା । ଆମାଇ ମାଲସା ଡ଼େମତିଙ୍ଗ (ପରୀକ୍ଷା କରିବି) ଜୁଟିଙ୍ଗ୍ ଡ଼ ସେତ୍ ଆମୁୟ୍ ଉରାଇ ମାଇଁ ଲାଇକୁନୁଙ୍ଗ୍ ବକ୍ ବେଟାୟ ବେଡ଼ । ସେଲାନା ମିର୍ରି ଆଉରାଇ ଜୁଲ ସେତ୍ ସପ୍ତିଙ୍ଗ୍ ଡ଼ ସେତ୍ ଉର ଉର ଉଇଗା । ମା ପୁରୁ ଆମାଇ ଜୁଲ ସେତ୍ ନିଙ୍ଗ୍ ବାନାଉଇକିନିଙ୍ଗ୍ଡ଼ । ଯାନା ଉମ୍ପ ବଦଲାୟୁକ୍ନା ମାଇନା ମାରି ଉଇତସା ବୁଦ୍ଧି ଆବଦଲତା । ମୁଲନା ତୁମ୍ ମାରି ଆ ଅନ୍ତୁର୍ତ ଡ଼ ସୁନ । ମାରି ମାପୁରୁ ଆତିନ୍ ସେଲାନା ମାରି ଗିରେମ୍ ପୁଇ ଡେମ ବେଡ଼ । ମୁଲ୍ସୁଗ ମାରି ଗିରେମ୍ ପୁଇ ଡ଼େଙ୍ଗ୍ଗା ।



ତାହା ପରୀକ୍ଷା କରି ଦେଖେ”। ଏହା ଭାବି ଭଗବାନ ଏକ ଛୋଟିଆ ମୂଷାକୁ ସେ ବସିଥିବା ଘରକୁ ପଠାଇ ଦେଲେ । ଝିଅଟି ଯେମିତି ମୂଷାଟିକୁ ଦେଖିଛି ତୁରନ୍ତ ତାକୁ ଧରିବା ପାଇଁ ଦୌଡ଼ିଲା । ଭଗବାନ ଏହା ଦେଖି ଭାବିଲେ, “ମୁଁ ତ ଭୂଲି ଯାଇଥିଲି ଯେ, କାହାର ଶରୀର ଓ କପଡ଼ା ବଦଳାଇଦେଲେ ତା’ର ପ୍ରକୃତି ବଦଳି ଯିବ । ତା’ର ପୂର୍ବ ପ୍ରକୃତି ସେ କେବେ ଛାଡ଼ି ପାରିବ ନାହିଁ ।” ତା ପରେ ଭଗବାନ ଝିଅଟିକୁ ପୁଣି ବିଲେଇରେ ପରିଣତ କରିଦେଲେ । ଆଗଭଳି ବିଲେଇଟି ବିଲେଇ ପରି ହିଁ ରହିଗଲା ।

# ସାଲାକିବାୟ୍ ଡକ୍ରି ମାରି ଯମ୍‌ରାଜା
# (ଚତୁରୀ ବୁଢ଼ୀ ଓ ଯମରାଜ)

ମୁୟ୍ ଉଙ୍ଗମ୍‌ବ ମୟ୍ ଡକ୍ରି ଡିକୁଗା । ମାଇନା ଯାସା ଆଡିତା । ମାୟ୍ ପାଲ୍ ଡିଅଗ୍‌ବ ଉଇସିତା ପାଇଟି ଡେମସି ବୁରଡିକୁଗା । ମିଣ୍ଡିବ୍‌ବେଲା ମାୟ୍ ସିର୍‌ସାର୍ କୁନୁଙ୍ଗ୍ ଉମ୍ପ ସିଲାଇବାର ଡେଗାଁ । ମିସିଙ୍ଗ୍ ମିଣ୍ଡିବ୍‌ବେଲା ଉମ୍ପ ସିଲାଇବାର ଆରାମ୍ ଡେମ୍ ମାକି ସୁଜିବ ସୁତା ଅଗାୟ୍‌ବାର ଆଗଁଗା । ମାୟ୍ ଗିସେଗ୍‌ସି ଆନିଙ୍ଗ୍ ମାସା ମରନ୍ ଆସାବ୍‌ତା ମାରି ଯମ୍‌ରାଜା ମାପୁଲାୟ୍ ଆନିଙ୍ଗ୍ ଆରୁଙ୍ଗ୍‌ତା ଡକି ସୁଁ ସୁଁ ବେଲା ଆର ଯମରାଜା ସାକେଟ୍‌ଲ ।



ଗୋଟିଏ ଗାଁରେ ଜଣେ ବୁଢ଼ୀ ରହୁଥିଲା । ତା'ର ନିଜର ବୋଲି କେହି ନ ଥିଲେ । ସେ ପର ଘରେ କାମ କରି ନିଜର ଜୀବନ କାଟୁଥିଲା । ସଂଜବେଳେ ସେ ଚିରାଫଟା ଲୁଗା ସିଲେଇ କରୁଥିଲା । ଦିନେ ସଂଜବେଳେ ଲୁଗା ସିଲେଇବାକୁ ଆରମ୍ଭ କଲା କିନ୍ତୁ ଛୁଞ୍ଚିରେ ସୂତାଟି ପଶେଇ ପାରୁ ନଥାଏ । ସେ ବିରକ୍ତ ହୋଇ ମୋର ମରଣ ହେଉନି କାହିଁ, ମୋତେ ଯମରାଜ କାହିଁ ନେଇ ଯାଉନି ବୋଲି କହିଲା କି ସେଇ ମାତ୍ରକେ ସେଠାରେ ଯମରାଜ ଉପସ୍ଥିତ ହୋଇଗଲେ ।

**ଆମାୟ ଜୁଲସିଗା ଡକ୍ରି ରାଗ୍‌ତିଗ୍‌ସି ପାସାର ନ ଜା ? ଯମରାଜା ସୁନ, ଅକୁଡ଼େ ଆନିଙ୍ଗ୍ ଉଓ୍ୱାୟନ ମାଣ୍ଡ୍‌କି ରୁଙ୍ଗୟାଡ଼୍‌ସି । ଡକ୍ରି ସୁନ ଓ କାବା ନିଗଁନା ସୁଜି ବ ସୁତା ଅଗାୟ ବେତନ କି ? ଯମ୍‌ରାଜା ଡକ୍ରିନା ପାଇଟି ଡେମବେଡ଼୍ । ମାରି ସୁନ ଅୟ୍‌କା ୟାନାୟ୍ । ଡକ୍ରି ସୁନ କୋଣ୍ ସିଲାଇ ବାର୍‌ନା ଅଡ଼ମସିତା ଉଇତିଙ୍ଗ୍ । ଯମ୍‌ରାଜା ସୁନବୁଗଁ ବାନିଡିତା ।**



ତାଙ୍କୁ ଦେଖି ବୁଢ଼ୀ ଚମକି ପଡ଼ିଲା ଆଉ ପଚାରିଲା କିଏ ତୁ ? ଯମରାଜ କହିଲେ, ତୁ ପରା ମୋତେ ଏବେ ଡାକିଲୁ ନେଇଯା ବୋଲି । ବୁଢ଼ୀ କହିଲା ଆରେ ଭକୁଆ ମୋର ଛୁଞ୍ଚିରେ ସୂତା ପୂରାଇ ଦେବ କି ? ଯମରାଜ ବୁଢ଼ୀର କାମ କରିଦେଲା । ତା' ପରେ କହିଲା ଏଥର ଯିବା । ବୁଢ଼ୀ କହିଲା ଆରେ ସିଲେଇ କାମ କରିସାରି ଯିବି । ଯମରାଜ କହିଲେ ଠିକ୍ ଅଛି ।

ନିଙ୍ ଏରଗ୍ ସାଗ୍ସିତା ଆନ ରୁଗଁ ଉଇତିଙ୍ । ଡକ୍ରି ସୁନ ନିଙ୍ ମିରି ନନ୍ କାତା ଅଗଁତିଙ୍ । ନିଙ୍ନା କୁଡ଼ବ ଲେକ୍ଲସି ଯା । ଯମ୍ରାଜା କୁଡ଼ବ ଲେକ୍ଲ ବୁଗଁ କି, ନିଙ୍ ଏରଗ୍ ସାବ୍ତିଙ୍ ମାରି ଆନ ନିଙ୍ ବୁରଙ୍ ୱାୟ ରୁଙ୍ତିଙ୍ଡ଼ସି ଯମରାଜା ଉଇଗା । ମାରି ମାର୍ ମିସିଙ୍  ସାଗ୍ସି ସୁନ ଦୟାନାୟ୍ବେ, ମାରି ମାସାଗୁତ୍ନ ଅଥଁ ଡ଼ସି ଡ଼କ୍ରି ସୁନ । ନ ଏରଗ୍ ସାବ୍ତନଡ଼ସି ନିଙନା କୁଡ଼ବଗ୍ ଲେକ୍ଲତ୍ନ । ଆତିନ୍ ଜୁଲସିତା, ସତଇସା ନିଙ୍ନା ବୁଲ୍ ଡେଙ୍ଉଇଗାଡସି ଯମ୍ରାଜା ଉଇଗା । ଡକ୍ରିନା ମରନ୍ ସାସାବ୍ ପନ୍ତେକ୍ ଅଇଜାଦିନ୍ ମାରି ବୁର ଉଇଗା ।




ମୁଁ କାଲିକି ଆସି ତୋତେ ନେଇଯିବି । କିନ୍ତୁ ଚତୁରୀ ବୁଢ଼ୀ କହିଲା ମୁଁ ତୋ କଥାକୁ କେମିତି ବିଶ୍ୱାସ କରିବି ।  ମୋ କାନ୍ଥରେ ଲେଖି ଦେଇ ଯା । ଯମରାଜ କାନ୍ଥରେ ଲେଖିଲେ ଯେ, ମୁଁ କାଲି କି ନିଶ୍ଚୟ ଆସି ତୋତେ ମୋ ସହିତ ନେବି, ତା' ପରେ ଯମରାଜ ଚାଲିଗଲେ । ପୁଣି ଆସନ୍ତା କାଲି ଆସିଲେ ଆଉ କହିଲେ ଚାଲ ଯିବା । କିନ୍ତୁ ବୁଢ଼ୀ କହିଲା ଆରେ ପୁଅ କାହିଁକି ଆସିଛ । ତୁ ପରା କାଲିକି ଆସିବୁ ବୋଲି ମୋ କାନ୍ଥରେ ଲେଖିଛୁ । ଦେଖି ସତରେ ମୁଁ ଭୁଲ କରିଛି ବୋଲି ଯମରାଜ ଚାଲିଗଲେ । ବୁଢ଼ୀ ତା'ର ଆୟୁଷ ପୁରିବା ଯାଏଁ କିଛି ଦିନ ବଂଚି ରହିଲା ।

# ସାଲାକିବାୟ ଗାଗା ଗିଗା ଆର୍‌ଉଇଗା
# (ଚତୁର କୁଆର ପରାଜୟ)

ଚିକୁ ମାରି ମିକୁ ଡସି ଉମ୍ଭାର ଗାଗା ଗିଗା ଡ଼ିକୁଗା । ମେହେ ବାନି ମିସ୍‌ସିଗା ଡିକୁଗା । ମୁସ ମିସିଙ୍ଗ୍ ଉମ୍ଭାୟ ଯା ମୁନାଡ଼ସି କିର ଡ଼େଙ୍ଗ୍‌ବୁଗା । କାତା ତେଗାଁ କି ଯା କନ୍ ଉଉର୍‌ବ ଜିତ୍‌ତା ମାୟ ଓ ମୁନା । ଉମ୍ଭାର୍ ବେସ୍‌ନୀନ ସମାନ୍ ଓଜନ୍‌ସା ମାସା ଜିନ୍‌ଷୁ ବରାୟସି ତୁମବ ଅବସିତା ଉଡ଼୍‌ବାର ମାରି ଯା ବାଗ୍‌ବ ଉଡ଼୍‌ତା, ମାରି ସେସେଁନୁଗ୍ ଉଇ କେଟ୍‌ତ ମାୟ୍ ଜିତ୍ ଉଇତା । ଚିକୁ ଗାଗା ଗିଗା ଉମ୍ଭାର ବେସ୍‌ନୀବ ଜିନ୍‌ଷୁ ଅଗାୟ । ମିକୁ କାବାବାୟ୍ ଦରଡ୍‌ବାଇ ଡିକୁଗା । ମାୟ ଜୁଲ ଉମ୍ଭାରସା ବେସ୍‌ନୀ ସମାନ୍‌ଡିତା । ଚିକୁ ତରୟ୍‌ନା ତୁମବ ମୁୟ୍ ସବ୍‌ସି ପାଲ୍ ଆମିକୁ ସସବ୍ ପୁଲାୟ୍ ସୁନ ।



ଚିକୁ ଓ ମିକୁ ନାମରେ ଦୁଇଟି କାଉ ଥିଲେ । ସେମାନଙ୍କ ମଧ୍ୟରେ ମିତ୍ରତା ଥିଲା । ଥରେ ନିଜ ନିଜର ଶ୍ରେଷ୍ଠତା ସିଦ୍ଧ କରିବା ପାଇଁ ସେମାନଙ୍କ ମଧ୍ୟରେ ଝଗଡ଼ା ହେଲା । ନିଷ୍ପତ୍ତି ନେଲେ ଯିଏ ପ୍ରତିଯୋଗିତାରେ ଜିତିବ ସେ ହିଁ ଶ୍ରେଷ୍ଠ ହେବ । ପ୍ରତିଯୋଗିତା ଥିଲା ସମାନ ସମାନ ଥଳିରେ ଦ୍ରବ୍ୟ ପୂର୍ଣ୍ଣ କରି ନିଜ ନିଜ ଥଣ୍ଟରେ ଧରି ଉଡ଼ିବେ । ଯିଏ ବେଶୀ ଉପରକୁ  ଉଡ଼ି ପାରିବ ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ସମୟରେ ଯିଏ ବେଶୀ ଉପରେ ଉଡୁଥିବ ସେ ହିଁ ଜିତିବ । କାଉ ଚିକୁ ବ୍ୟାଗ୍ ଦୁଇଟି ଆଣି ପୂର୍ଣ୍ଣ କଲା । ମିକୁ ବିଚରା ସରଳ ଥିଲା । ସେ ଦେଖିଲା ଦୁଇଟି ଯାକ ଥଳି ପୂର୍ଣ୍ଣ ଅଛି । ଚିକୁ ନିଜ ଥଣ୍ଟରେ ଗୋଟିଏ ଧରି ଅନ୍ୟଟି ମିକୁକୁ ଧରିବାକୁ କହିଲା ।

ମାକି ତରୟ୍‌ନା ବେସ୍‌ନୀବ ଡିଗା ୟଁଆପ୍ ଉସାସ୍ ବାଏଁ ମାରି ମିକୁନ୍ ବେସ୍‌ନୀବ ବିତି ବୁଗଁଡିକିଗା । ଟିକ୍ ବେଲା ଉମ୍ଭାୟ୍ ଉଡ଼ଗା । ଚିକୁନା ଲେଙ୍ଗି ମାରି ମିକୁନା ଉସାସ୍ । ଗିତିନ୍‌ସା ଚିକୁ ବାନି ବାଗ୍‌ବ ଉଡ଼ବାର୍ ଆଗଙ୍‌ତା । ଗିନ୍‌ଲ ମାରି ଡାଗ୍ ଗୁର୍ ବୁଗଁ । ଡାଗ୍‌ଡାଗ୍‌ସି ଲେଙ୍ଗି ଡେଗ୍ ଉଇଗା । ଗୁଗୁରଡ଼ାଗ ବ ବିତି ବିଲ୍‌ଉଇଗା । ମିକୁନା ବେସ୍‌ନୀ ଉସାସ୍ ଡେଗଁ ଉଇଗାସା ମାୟ୍ ବାଗ୍‌ବ ଉଡ଼ଗା । ଗିନ୍‌ସା ଟିକ୍ ବେଲା ମିକୁ ଚିକୁନାନୀ ଜବର ବାଗ୍‌ବ ଉଡ଼ବାର ଡେଗାଁ । ମିକୁନା କୁଟ୍ ବୁଦିସା ଚିକୁ ଆର୍ ଉଇଗା ।



କିନ୍ତୁ ନିଜେ ଧରିବା ଥଳିରେ ତୁଳା ଓ ମିକୁର ଥଳିରେ ଲୁଣ ରଖିଥିଲା । ଠିକ୍ ସମୟରେ ଦୁଇଜଣ ଯାକ ଉଡ଼ିଲେ । ମିକୁର ଥଳି ଓଜନିଆ କିନ୍ତୁ ଚିକୁର ହାଲୁକା । ତେଣୁ ମିକୁ ସହଜରେ ଉପରକୁ ଯାଇ ପାରିଲା ନାହିଁ । ଅଳ୍ପ ସମୟ ପରେ ବର୍ଷା ହେଲା । ତୁଳା ଭିଜିଯାଇ ଚିକୁର ଥଳି ଓଜନିଆ ହେଲା । ବର୍ଷା ପାଣିରେ ଲୁଣ ମିଳାଇ ଯାଇ ବହିଗଲା । ମିକୁର ଥଳି ହାଲୁକା ହୋଇଯିବାରୁ ସେ ସହଜରେ ଉଡି ଉପରକୁ ଯାଇପାରିଲା । ଯାହା ଫଳରେ ନିର୍ଦ୍ଧିଷ୍ଟ ସମୟ ବେଳକୁ ମିକୁ ଚିକୁଠାରୁ ବହୁ ଉପରେ ଉଡୁଥିଲା । ଚିକୁର କପଟ ପଣିଆ ଯୋଗୁଁ ସେ ହାରିଗଲା ।

# ଡକ୍ରା ମାରି ଗୁଲୁବ୍ (ବୁଢ଼ା ଏବଂ ଠେକୁଆ)

ମୁୟ୍ ଉଙ୍ଗ୍ବ ଡକ୍ରା ଡକ୍ରି ଡିକିଗା । ମାୟ୍ ପାନ୍ବ ଯାହାସା ଆଡିତା । ମାୟ୍ ପାନ୍ବ ଗୁସ ମୁୟ୍ ଡିକିଗା । ମିସିଙ୍ଗ୍ ଇଁୟା ବେଲା କୁଣ୍ଡାଗାରି ବୁଲ୍ବାର୍ ଉଇଗା । କୁଣ୍ଡାବ ବୁଲ୍ଲ ବୁଲ୍ଲସିତା ଲାକାର ଉଇଗା । ଲାକ୍ରସିତା ସେମୁଗ୍ ଆଲୁଙ୍ଗ୍ ଲାଇଗା । ଲାୟ୍କିନ୍ ବେଲା ଗୁସ ଆମୁୟ ଗୁଲୁ ଜୁଲସି ୟନ ଉଇଗା । ଗୁସ ଆଗୁଲୁ ୟନ ୟନ ଉଇଗାପା ଗୁଲୁ ମୁୟ୍ ଲାଗ୍ଲାଗ୍ବ ଗାୟ୍ ଉଇଗା । ଇନ୍ଗାରି ଗୁସ୍ ଆମାୟ୍ ଗୁଡ଼ାଙ୍ଗ୍ ଗୁଡ଼ାଙ୍ଗ୍ ଗାୟ୍ଗା । ଡକ୍ରା ଡକ୍ରି ଆଗୁସ୍ ଜାଗଲ୍ସା ଆସାବ୍ତ ।



ଗୋଟିଏ ଗାଁରେ ବୁଢ଼ା ଓ ବୁଢ଼ୀ ରହୁଥିଲେ । ତାଙ୍କର କେହି ନ ଥିଲେ । ତାଙ୍କର ଗୋଟିଏ କୁକୁର ଥିଲା । ଥରେ ଖରାଦିନରେ ଜଙ୍ଗଲକୁ ବୁଲି ବାହାରିଲେ । ଜଙ୍ଗଲରେ ବୁଲି ବୁଲି ହାଲିଆ ହୋଇ ପଡ଼ିଲେ । ହାଲିଆ ହୋଇ ଗଛ ମୂଳେ ଯାଇ ବସି ପଡ଼ିଲେ । ବସିଥିବା ସମୟରେ ତା'ର କୁକୁର ଠେକୁଆ ଦେଖି ଗୋଡ଼ାଇଲା । କୁକୁର ଠେକୁଆକୁ ଗୋଡ଼ାଇବାରୁ ଠେକୁଆ ଗୋଟିଏ ଗାତ ଭିତରେ ପଶିଗଲା । ସେ ଦିଗରେ କୁକୁର ତାକୁ ଖୋଜି ଗାତରେ ପଶିଲା । ବୁଢ଼ାବୁଢ଼ୀ କୁକୁରକୁ ଜଗିଲେ ସେ ଆସିଲା ନାହିଁ ।

ଇନ୍‌ଗାରି ଡକ୍ରା ଡକ୍ରି ଆଗୁସନା ତେଗ୍‌ସୁଁଗ ଜୁଲ ଜୁଲ ଉଇଗା । ଜୁଲସା ମୁୟ୍ ଲାଗ୍‌ଲାଗ୍‌ବ ଗୁଲୁ ମାରି ଗୁସ ଗାୟଉଇଗିତା । ଡକ୍ରା ଆଗୁସ ଓ୍ୱାୟସା ଆତୁରତାସା ମାଇସା ଲାଗ୍‌ଲାଗ୍‌ବ ଗାୟ୍‌ଉଇଗା । ଡକ୍ରିଲସ୍‌ନା ଆର ଗାୟ୍‌ଉଇଗା । ଇନ୍‌ଗାରି ଆଗୁଲୁ ଗୁସ ଆପୁରା ଅବସିତା ଓ୍ୱାନତା । ଇନ୍‌ଗାରି ଡକ୍ରା ଆଗୁସନା ତିଗ୍‌ସୁଗଁ ଓ୍ୱାନତା । ଡକ୍ରି ଆଡକ୍ରା ଓ୍ୱାନ । ଇନ୍‌ଗାରି କସ୍‌ତେ ଲାଗ୍ ଲାଗ୍ ଗାରି ତୁର୍‌ଗା । ତୁର୍‌ଗାସା ଆଗୁଲୁ ଅଡ଼ାବସିଗା ଡିଅବ ରୁଗଁ ଉଇଗା । ରୁଗଁଉଇସି ସୁରବାଲସିତା ରାଗଁ ସୁମ ।



ସେ ଦିଗରେ କୁକୁରର ପାଦ ଚିହ୍ନ ଦେଖି ବୁଢ଼ା ବୁଢ଼ୀ ଦୁହେଁ ଗଲେ । ଦେଖିଲେ ଗୋଟିଏ ଗାତ ଭିତରେ ଠେକୁଆ ଓ କୁକୁର ପଶି ଯାଇଛନ୍ତି । ବୁଢ଼ା କୁକୁରକୁ ଡାକିଲା । ନ ବାହାରିବାରୁ ସେ ମଧ୍ୟ ଗାତରେ ପଶିଗଲା । ବୁଢ଼ୀ ମଧ୍ୟ ଶେଷରେ ସେଇଠି ପଶିଗଲା । ସେଇଟି କୁକୁର ଠେକୁଆର ଲାଞ୍ଜକୁ କାମୁଡ଼ି ଧରି ଟାଣିଲା । ସେପଟେ ବୁଢ଼ା କୁକୁରର ଗୋଡ଼କୁ ଧରି ଟାଣିଲା । ବୁଢ଼ୀ ବୁଢ଼ାକୁ ଧରି ଟାଣିଲା ସେଇପରି ସମସ୍ତେ ଗାତ ଭିତରୁ ବହୁ କଷ୍ଟରେ ବାହାରିଲେ । ବାହାରିଲା ପରେ ଠେକୁଆକୁ ମାରି ଘରକୁ ନେଇ ଆସିଲେ । ଆଣି ପୋଡ଼ାପୋଡ଼ି କରି ରାନ୍ଧି ଖାଇଲେ ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର